ବିଦ୍ୟାଳୟ ନେତୃତ୍ୱ

TESS India

# ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାରେ ରୂପାନ୍ତରୀକରଣ : ପଥପ୍ରଦର୍ଶନ ଓ ଶିଖାଇବା

## Transforming teaching-learning process: mentoring and coaching





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University
UKaid from the British people

cc BY SA
http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢ଼ାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0    ବିଦ୍ୟାଳୟ ନେତୃତ୍ୱ 09
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସ ମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଆମ ଭିତରୁ ଅନେକ ଜୀବନରେ ଆହ୍ୱାନ ଓ ସମସ୍ୟା ସହ ସଂଗ୍ରାମ କରିଥା'ନ୍ତି ସେହି ସମୟରେ ଆମର ସାଙ୍ଗ ପରିବାର ସଦସ୍ୟ ସେମାନଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣିଥା'ନ୍ତି ଓ ସେମାନଙ୍କର ସହୃଦୟତା ଯୋଗୁଁ ସେମାନେ ତାଙ୍କ ଜୀବନର କୌଣସି ନା କୌଣସି କ୍ଷେତ୍ରରେ ସେମାନଙ୍କ ଦ୍ୱାରା ଉପକୃତ ହୋଇଥା'ନ୍ତି। ବୃତ୍ତିଗତ ଧାରଣାରୁ ଜଣାଯାଏ, ଏହି ସାହାଯ୍ୟ ସହଯୋଗକୁ ବେଳେବେଳେ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶକ ବୋଲି ବିବେଚନା କରାଯାଏ ଏବଂ ଏହି ଏକକରେ ଆପଣ ଏହି ଦୁଇ ଧାରଣା ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିପାରିବେ । ଆପଣ କେତେକ କୌଶଳ ଏବଂ ଦକ୍ଷତା ବୁଝିପାରିବେ ଯାହା ବ୍ୟକ୍ତିଗତ ପ୍ରଶିକ୍ଷକ ଓ ପଥପ୍ରଦର୍ଶକ ସହ ସମ୍ପର୍କିତ ଏବଂ ସେଗୁଡ଼ିକୁ କିଭଳି ଶିକ୍ଷକ, ଶିକ୍ଷାର୍ଥୀ, ସେମାନଙ୍କର ପିତାମାତା କିମ୍ବା ଅଭିଭାବକଙ୍କ ସହ କଥାବାର୍ତ୍ତାରେ ବ୍ୟବହାର କରିହେବ ତତ୍ ସମ୍ବନ୍ଧରେ ଅବଗତ ହେବେ।

ଆନ୍ତର୍ଜାତିକ ତଥ୍ୟରୁ ପ୍ରମାଣ ମିଳେ ଯେ ନେତାମାନେ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ କରି ସେମାନଙ୍କ ସଂଗଠନ ଓ ଗୋଷ୍ଠୀର କାର୍ଯ୍ୟ ସମ୍ପାଦନ ଦକ୍ଷତାରେ ଆଖିଦୃଷ୍ଟିଆ ଭାବେ ଉନ୍ନତି ଆଣି ପାରିବେ (ଉଦାହରଣସ୍ୱରୂପ, ବାର୍ନେଟ୍ ଓ ଓମାହୋନି ୨୦୦୬) ଭାରତରେ ଜାତୀୟ ପାଠ୍ୟକ୍ରମ ଆଧାରରେ ଦର୍ଶାଯାଇଛି ଯେ, ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ କିପରି ଭାବରେ ଶ୍ରେଣୀ ଶିକ୍ଷାଦାନରେ ଫଳପ୍ରଦ ଭାବେ ଅଭିବୃଦ୍ଧି କରି ହେବ ଓ ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଏହି କୌଶଳଗୁଡ଼ିକୁ ନିଜ ବିଦ୍ୟାଳୟର ଶିକ୍ଷାଦାନ ଓ ଶିକ୍ଷଣ କ୍ଷେତ୍ରରେ ଉନ୍ନତି କରିବା ପାଇଁ କିପରି ବ୍ୟବହାର କରିବେ (ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ବିଶ୍ୱବିଦ୍ୟାଳୟ)। ଏହି ନୀତି ଅନୁସରଣ କରି ଦଳର ମୁଖ୍ୟମାନେ ପ୍ରଶିକ୍ଷକ ଓ ପଥପ୍ରଦର୍ଶକ ଭାବେ ବ୍ୟକ୍ତିର କାର୍ଯ୍ୟ ସଂମ୍ପାଦନରେ ବିକାଶ କରିଥା'ନ୍ତି, ଯାହାଦ୍ୱାରା ସଂଗଠନର ମଧ୍ୟ ଅଭିବୃଦ୍ଧି ଘଟିଥାଏ । ଅନେକ ବିଦ୍ୟାଳୟ ଅଛି, ଯେଉଁଠି ମୁଖ୍ୟଙ୍କର ନିଜସ୍ୱ ଆୟ ନ ଥାଏ କିମ୍ବା ସମ୍ବଳ ଉପରେ କର୍ତ୍ତୃତ୍ୱ ନ ଥାଏ, ମାତ୍ର ସେମାନେ ସଂସ୍କୃତି ଉପରେ ଏଭଳି ଗୁରୁତ୍ୱ ପ୍ରଦାନ କରିଥା'ନ୍ତି, ଯାହାଦ୍ୱାରା ସମସ୍ତଙ୍କ ମଧ୍ୟରେ ଉପଯୁକ୍ତ ସମ୍ପର୍କ ସ୍ଥାପନ ହୋଇଥାଏ। ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପଦର୍ଶନକୁ ବିଦ୍ୟାଳୟରେ ଅନୁସରଣକାରୀ ଓ ନିଜର ଦକ୍ଷତାକୁ ସହକର୍ମୀଙ୍କ ମଧ୍ୟରେ ବାଣ୍ଟିବା ଫଳରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ସମ୍ପର୍କ ଅଧିକ ଦୃଢ଼ୀଭୂତ ହୋଇଥାଏ। ଏହା ଗୁଣାତ୍ମକ ଶିକ୍ଷା ଓ ତାହାର ଫଳାଫଳ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ।

### ଶିକ୍ଷଣ ଡ଼ାଏରୀ

ଏହି ଏକକରେ, କାର୍ଯ୍ୟକରିବା ସମୟରେ ଆପଣଙ୍କ ଶିକ୍ଷଣ ପୁସ୍ତିକାରେ ଆପଣଙ୍କର ଚିନ୍ତାଧାରା ଓ ଯୋଜନାକୁ ଗୋଟିଏ ସ୍ଥାନରେ ଲିପିବଦ୍ଧ କରି ରଖନ୍ତୁ। ବୋଧହୁଏ, ଆପଣ ଏହି କାର୍ଯ୍ୟ ଆଗରୁ ଆରମ୍ଭ କରିସାରିଥିବେ।

ହୁଏତ ଆପଣ ଏହି କାର୍ଯ୍ୟଟିକୁ ଏକା କରୁଛନ୍ତି, ମାତ୍ର ନିଜର ଶିକ୍ଷାର ଅଭିବୃଦ୍ଧି ସେତେବେଳେ ଘଟିବ, ଯେତେବେଳେ ଆପଣ ଆପଣଙ୍କର ଶିକ୍ଷଣ ପରିସ୍ଥିତି କିମ୍ବା ଉପଲବ୍ଧ ଶିକ୍ଷାକୁ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହିତ ଆଲୋଚନା କରିବେ। ସେହି ବିଦ୍ୟାଳୟର ମୁଖ୍ୟ ଆପଣଙ୍କର ଜଣେ ପୁରୁଣା ସହକର୍ମୀ ହୋଇପାରନ୍ତି କିମ୍ବା ନୂତନ ଭାବେ ସମ୍ପର୍କିତ ସହକର୍ମୀ ହୋଇପାରନ୍ତି। ଏହାକୁ ସଂଗଠିତ ଉପାୟରେ ବା ଅଣଆନୁଷ୍ଠାନିକ ଭାବରେ କରାଯାଇପାରେ। ଏହି ଧରଣର ସଭା ପାଇଁ, ପୁନଶ୍ଚ ଆପଣଙ୍କର ଦୀର୍ଘ ମିଆଦି ଶିକ୍ଷଣ ଯୋଜନା ପାଇଁ ପ୍ରତ୍ୟୟ ବିଶ୍ଲେଷଣ ଏବଂ ବିକାଶ ସାଧନ ପାଇଁ ଆପଣଙ୍କର ଶିକ୍ଷଣ ପୁସ୍ତିକା ସାହାଯ୍ୟ କରିବ।

## ଏହି ଏକକରୁ ବିଦ୍ୟାଳୟର ମୁଖ୍ୟ କ'ଣ ଶିଖିବେ ?

ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ ମଧ୍ୟରେ ଥିବା ସାମଞ୍ଜସ୍ୟ ଏବଂ ସହକର୍ମୀଙ୍କ ଶିକ୍ଷଣ ଅଭିବୃଦ୍ଧି ପାଇଁ ଉଭୟକୁ କିଭଳି ବ୍ୟବହାର କରି ହେବ।

- ଆପଣଙ୍କ ବିଦ୍ୟାଳୟର ଶିକ୍ଷକତା ଓ ଶିକ୍ଷଣର ଅଭିବୃଦ୍ଧି ପାଇଁ ସହକର୍ମୀଙ୍କ ମଧ୍ୟରେ ବାର୍ତ୍ତାଳାପ।
- ଗ୍ରହଣୀୟ ଫଳାଫଳ ପାଇଁ ଯୋଜନା ପ୍ରସ୍ତୁତି ଏବଂ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ ଅଧିବେଶନ ଉପରେ ବକ୍ତବ୍ୟ ପ୍ରଦାନ।

- ଆପଣଙ୍କର ବିଦ୍ୟାଳୟରେ ବ୍ୟକ୍ତିଗତ ପ୍ରଶିକ୍ଷଣ ସଂସ୍କୃତିର ସଫଳତା ପାଇଁ ଚିନ୍ତା କରିବା।
- ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ
- ଏହି ଅଧ୍ୟାୟ ଶେଷରେ, ଆପଣମାନେ ନିମ୍ନଲିଖିତ ଶିକ୍ଷଣ ପରିସ୍ଥିତିଗୁଡ଼ିକୁ ଉପଲବ୍ଧି କରିପାରିବେ:
- ଆପଣଙ୍କର ସହକର୍ମୀ ଅଥବା ଅନ୍ୟ ସହକର୍ମୀଙ୍କ ସହିତ ଆଲୋଚନା ହୋଇଥିଲେ କିମ୍ବା ସେଥିରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ଫଳାଫଳ ସମ୍ବନ୍ଧରେ ଦୁଇଜଣଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା।
- ପଥପ୍ରଦର୍ଶକ ଓ ସହକର୍ମୀଙ୍କ କାର୍ଯ୍ୟ
- ବ୍ୟକ୍ତିଗତ ଶିକ୍ଷଣ ନିମିତ୍ତ ଆଲୋଚନା

## ୧ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ ମଧ୍ୟରେ ଥିବା ସାମଞ୍ଜସ୍ୟ

ଅଧିକାଂଶ ଲୋକ ବ୍ୟକ୍ତିଗତ ଶିକ୍ଷଣ ଓ ପଥପ୍ରଦର୍ଶନକୁ ଏକ ପ୍ରକାର ଜିନିଷ ବୋଲି କହିଥାନ୍ତି। କିନ୍ତୁ ଏହା ବ୍ୟକ୍ତି ଏବଂ ଦଳ ସହିତ କାର୍ଯ୍ୟ କରିବାରେ ଦୁଇଟି ଭିନ୍ନ ମାଧ୍ୟମ। ପରନ୍ତୁ ଏହି ଦୁଇ ମାଧ୍ୟମର ଏକ ସମାନତା ରହିଛି। ଏହି ଦୁଇଟିଯାକ ଧାରଣା ଦୃଢ ବ୍ୟକ୍ତିଗତ ପ୍ରଶିକ୍ଷକ ଓ ପଥପ୍ରଦର୍ଶକ ବିଶ୍ୱାସ ଯୋଗ୍ୟ କାର୍ଯ୍ୟକାରିତା ତଥା ବିଶ୍ୱାସ କରୁଥିବା ଲୋକମାନଙ୍କର ସଂପର୍କକୁ ଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଏହି ସମ୍ପର୍କ ଗଠନ ପାଇଁ କିପରି ଏକ ଫଳପ୍ରଦ ଆଲୋଚନା ଆୟୋଜନ କରିହେବ, ତାହା ଅତ୍ୟନ୍ତ ଆବଶ୍ୟକ।

ଏହି ଆଲୋଚନା ସେତେବେଳେ ଫଳପ୍ରଦ ହୋଇପାରିବ, ଯେତେବେଳେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ସଠିକ ସମନ୍ୱୟ ଥାଏ। ଯଦିଓ ସେମାନଙ୍କ ଆଲୋଚନାର ଉଦ୍ଦେଶ୍ୟ ଚୁକ୍ତିନାମା ନିମିତ୍ତ ଉଦ୍ଦିଷ୍ଟ ନୁହେଁ, ତଥାପି ସେମାନେ ଏପରି ହେବା ଉଚିତ:

- ପରସ୍ପରକୁ ବୁଝିପାରିବା ଭଳି ଶୁଣିବା
- କହୁଥିବା ବ୍ୟକ୍ତିର କଥାକୁ ଆଗ୍ରହ ସହକାରେ ଶୁଣିବା
- ଅନ୍ୟ ବ୍ୟକ୍ତି ଏବଂ ସେ ପ୍ରକାଶ କରୁଥିବା ତଥ୍ୟକୁ ସମ୍ମାନ ପ୍ରଦର୍ଶନ କରିବା

ଆପଣ ଅଭ୍ୟସ୍ତ ଥିବେ ଯେ ବିଦ୍ୟାଳୟର ମୁଖ୍ୟ ହେତୁ, ଆପଣଙ୍କ କଥା ବା ମତରେ ଲୋକମାନେ ରାଜି ହେଉଛନ୍ତି। ଆଲୋଚନା କରିବା ଏକପ୍ରକାର ଦକ୍ଷତା, ଯାହାକୁ ଆପଣ କରି ଦକ୍ଷତା ହାସଲ କରିବେ।



ଚିତ୍ର ୧ : ସ୍ପଷ୍ଟ ଉଦ୍ଦେଶ୍ୟ ରହିତ ବାର୍ତ୍ତାଳାପ

ଗୋଟିଏ ଆବଶ୍ୟକୀୟ କଥା ମନେରଖିବାକୁ ହେବ ଯେ, ଯେତେବେଳେ ଦୁଇଜଣ ସାଥି ବା ସହକର୍ମୀ ସାଧାରଣ ଭାବେ କଥା ହେଉଛନ୍ତି, ତାହାକୁ କଥାବାର୍ତ୍ତା ବା ଇଂରାଜୀରେ 'ଗର୍ଟ' କୁହାଯାଏ। ଯଦି ସେମାନଙ୍କର ଆଲୋଚନା ସ୍ୱତଃପ୍ରବୃତ ଭାବେ କୌଣସି ସମସ୍ୟାର ସମାଧାନ କାର୍ଯ୍ୟ ନିମିତ୍ତ ଅନୁସୂଚିତ ହୋଇଥାଏ, ତେବେ ତାହାକୁ ଉଦ୍ଧେଶ୍ୟମୂଳକ ଆଲୋଚନା କୁହାଯାଏ। ପରିଶେଷରେ ଶିକ୍ଷାଦାନ ଶିକ୍ଷଣ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଓ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନର ପରିସର ଆଡ଼କୁ ମୁହାଁଇବା ପାଇଁ ଏହି ଆଲୋଚନା ସାହାଯ୍ୟ କରିଥାଏ।

## ଶିକ୍ଷଣକାର୍ଯ୍ୟ-୧ : ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ଉପଦେଷ୍ଟା ମଧ୍ୟରେ କେଉଁ ପ୍ରକାର ଭିନ୍ନତା ଅଛି ?

ସମ୍ବଳ-୧ ରୁ ବ୍ୟକ୍ତିଗତ ଶିକ୍ଷଣ ଓ ଉପଦେଷ୍ଟାର ସଂଜ୍ଞାଗୁଡ଼ିକୁ ପଢ଼ି ଏହି ଦୁଇ ଶବ୍ଦ ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକୁ ନିଜ ଶିକ୍ଷଣ ପୁସ୍ତିକାରେ ଏକ ସାରାଂଶରୂପେ ଉଲ୍ଲେଖ କରନ୍ତୁ, ଚିନ୍ତା କରନ୍ତୁ ଆପଣ କିଭଳି ଏହାକୁ ନିଜ ସହକର୍ମୀଙ୍କ ଆଗରେ ବୁଝାଇ ପାରିବେ।

ଆପଣ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନର ତିନୋଟି ଉପାୟର ତାଲିକା କରନ୍ତୁ, ଯାହାକୁ ବ୍ୟବହାର କରି ଆପଣଙ୍କ ବିଦ୍ୟାଳୟର ସହକର୍ମୀମାନେ କିପରି ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଭିନ୍ନତା ଆଣି ପାରିଥିଲେ। ଉଦାହରଣ ସ୍ୱରୂପ ଆପଣ ଆପଣଙ୍କର କୌଣସି ନିର୍ଦ୍ଦିଷ୍ଟ ସହକର୍ମୀଙ୍କ ବିଷୟରେ କିମ୍ବା ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ଆବଶ୍ୟକତା କିମ୍ବା ଆପଣ ସଂଶ୍ଳିଷ୍ଟ ଥିବା କୌଣସି ଏକ ପାଠ୍ୟକ୍ରମ କଥା ଚିନ୍ତା କରିପାରନ୍ତି।

### ଆଲୋଚନା

ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶକ ମଧ୍ୟରେ ଥିବା ପ୍ରଭେଦ ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ପ୍ରୟୋଗ ଭିନ୍ନ ଉପାୟରେ ହୋଇଥାଏ ଏବଂ ବିଭିନ୍ନ ପ୍ରକାର ସହାୟତା ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଆପଣ ଏ ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକୁ ଦର୍ଶାଇଲା ପରେ ବିଦ୍ୟାଳୟରେ ଏହାକୁ କିପରିଭାବରେ ବ୍ୟବହାର କରିବେ, ସେ ବିଷୟରେ ଚିନ୍ତା କରିପାରିବେ। ଆପଣ ହୁଏତ ଅନୁଭବ କରିସାରିଥିବେଣି ଯେ ଠିକ୍ ଉପାୟଟି ବାଛିବା ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଏହି ଦୁଇଟି ବିଦ୍ୟମାନ ଥିବା ଉପାୟରେ ହିଁ ସହକର୍ମୀମାନଙ୍କର ବିକାଶ ହୋଇଥାଏ। ଏହା କେବଳ ଗୋଟିଏ ବାର୍ତ୍ତାଳାପରେ ହୁଏ ନାହିଁ, ଏ ପ୍ରକାର ବାର୍ତ୍ତାଳାପର ପ୍ରକ୍ରିୟାକୁ ଜାରି ରଖିବା, ଯାହାଦ୍ୱାରା ସହକର୍ମୀମାନଙ୍କର ବିକାଶ ହେବ। ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନର ମୂଳ ଲକ୍ଷ୍ୟ ହେଉଛି ଶିକ୍ଷାଦାନ ଏବଂ ଶିଖିବାର ସମୃଦ୍ଧି ଏବଂ କଥୋପକଥନ ନିଶ୍ଚିତ ଭାବେ ସତ୍ୟ ତଥ୍ୟ ଆଧାରିତ ହୋଇଥିବ।

- ପଥପ୍ରଦର୍ଶକ ନିଶ୍ଚିତ ଭାବେ ନିଜ ପାଠରେ ଜଣେ ଅଭିଜ୍ଞ ବ୍ୟକ୍ତିବିଶେଷ ହୋଇଥିବେ ଏବଂ ସାଧାରଣଭାବେ ଜଣେ ଜ୍ଞାନୀ ବ୍ୟକ୍ତି ମଧ୍ୟ ହୋଇଥିବେ, ଯାହାଙ୍କଠାରେ ଉପସ୍ଥାପନା ପାଇଁ ବହୁତ ଅଭିଜ୍ଞତା ରହିଥିବ । ସେ ଆପଣଙ୍କୁ ଆଲୋଚିତ ହେବାକୁ ଥିବା ବିଷୟ ସମ୍ବନ୍ଧରେ ତାଙ୍କ ନିଜର ଅଭିଜ୍ଞତା ଓ ଜ୍ଞାନକୁ ପ୍ରଦାନ କରିବାକୁ ସମର୍ଥ ଥିବେ।
- କୌଣସି ଏକ ଧାରଣାରେ ଆପଣ କଷ୍ଟ ଅନୁଭବ କରୁଥିଲେ, ବ୍ୟକ୍ତିଗତ ପ୍ରଶିକ୍ଷଣ ଆପଣଙ୍କୁ ଆପଣଙ୍କର ଉତ୍ତର ନିକଟରେ ପହଞ୍ଚିବା ପାଇଁ ସାହାଯ୍ୟ କରନ୍ତି। ସେମାନଙ୍କର ମୁଖ୍ୟ ସାଧନ ହେଉଛି ପ୍ରଶ୍ନ ଏବଂ ସେମାନଙ୍କର ଏକ ମୂଲ୍ୟବାନ ଗୁଣ ହେଉଛି ଶୁଣିବାର ବିଶେଷତ୍ୱ।

ବ୍ୟକ୍ତିଗତ ପ୍ରଶିକ୍ଷକ ଓ ପଥପ୍ରଦର୍ଶକ, ବିଦ୍ୟାଳୟରେ ଆପଣଙ୍କୁ କେବେ ସାହାଯ୍ୟ କରିବ ବୋଲି ତୁମେ କେବେ ଚିନ୍ତା କରିଛନ୍ତି କି ? ଆପଣ ନିଜ ମନ ମଧ୍ୟରେ ଏମିତି ଏକ ଶିକ୍ଷକ ଠିକ କରିଥିବେ, ଯିଏକି ସାପ୍ତାହିକ ଅଧିବେଶନରୁ ସେମାନଙ୍କୁ ପଥପ୍ରଦର୍ଶନ କରିବାରେ ଲାଭବାନ ହେବେ ଏବଂ ପ୍ରଶିକ୍ଷଣ କାର୍ଯ୍ୟକୁ ଶ୍ରେଣୀଗୃହରେ ଅଭ୍ୟାସରେ ପରିଣତ କରିବେ। ଘଟଣାଗୁଡ଼ିକୁ କିଭଳି ସୂତ୍ରରୂପେ ପରିଚାଳନା କରିହେବ ସେଥିପାଇଁ ଉପଦେଶ ଏବଂ ଶ୍ରେଣୀଗୃହର ପରିଚାଳନାରେ ସମର୍ଥ ହେବେ। ଶ୍ରେଣୀରେ ବାଳିକାମାନଙ୍କର କମ୍ ଅଂଶଗ୍ରହଣ ବିଷୟରେ ଚିନ୍ତା କରୁଥାଇପାରନ୍ତି ଏବଂ ଚିନ୍ତା କରୁଥିବେ କିଭଳି ଆପଣ ବ୍ୟକ୍ତିଗତ ପ୍ରଶିକ୍ଷଣକୁ ବ୍ୟବହାର କରି ଶିକ୍ଷା ଗ୍ରହଣରେ ଭାଗ ନେବା ପାଇଁ ଶିକ୍ଷକଙ୍କୁ ଉତ୍ସାହିତ କରିବ। ବିଜ୍ଞାନ ଶିକ୍ଷାଦାନରେ ଉନ୍ନତି ଘଟୁ ବୋଲି ଆପଣ ମନେ କରୁଥିବେ ଏବଂ ନିଜର ଅଭିଜ୍ଞତା ଆଧାରରେ ସମସ୍ତ ସହକର୍ମୀଙ୍କୁ ଦିଗଦର୍ଶନ ଦେବା ପାଇଁ ଜଣେ ବୟୋଜ୍ୟେଷ୍ଠ ବିଜ୍ଞାନ ଶିକ୍ଷକଙ୍କୁ ପଚାରିବା ଆବଶ୍ୟକ।

ଆମ୍ଭମାନଙ୍କ ମଧ୍ଯରୁ ଅନେକ ନିଜର ବ୍ୟକ୍ତିଗତ ଜୀବନ କିମ୍ବା ବୃତିଗତ ଜୀବନ ପାଇଁ ବହୁ ସମୟରେ ପଥପ୍ରଦର୍ଶକଙ୍କ ଠାରୁ ବହୁତ କିଛି ସହାୟତା ପାଇଥିବେ। ସମସ୍ତ ପରିବାରରେ ଏମିତି ଜଣେ କକା କିମ୍ବା କାକୀ ଥିବେ, ଯିଏକି ଜୀବନ ଶୈଳୀର ମୋଡ଼ ପରିବର୍ତ୍ତନ ସମୟରେ ଉପଯୁକ୍ତ ପରାମର୍ଶ ପ୍ରଦାନ କରିଥା'ନ୍ତି। ବିଦ୍ୟାଳୟର ମୁଖିଆ ଭାବେ, ଆପଣଙ୍କୁ ଏହିଭଳି ଭୂମିକାରେ କାମ କରିବାକୁ ପଡ଼ିବ, ଯେ ସଂକଟ ଅବସ୍ଥାରେ ଅତିବାହିତ କରୁଥିବା ଆପଣଙ୍କର ସହକର୍ମୀଙ୍କୁ ସହାୟତା ପ୍ରଦାନ କରିବା କିମ୍ବା ସେମାନଙ୍କର ଶ୍ରେଣୀଗୃହ ଅଭ୍ୟାସ କାର୍ଯ୍ୟକୁ ଉନ୍ନତି କରିବାରେ ସାହାଯ୍ୟ କରିବା। ମୁଖ୍ୟତଃ ପଥପ୍ରଦର୍ଶକ ପ୍ରଶ୍ନର ଉତ୍ତର ଏବଂ ସମସ୍ୟାର ସମାଧାନ କରିବା ପାଇଁ ଆସିବା ଉଚିତ୍। ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି କିଛି ଭଲ ପ୍ରଶ୍ନ ପଚାରିବା, ଯାହାଦ୍ୱାରା ପ୍ରଶିକ୍ଷାର୍ଥୀ ନିଜ ପ୍ରଶ୍ନର ଉତ୍ତର ନିଜେ ପାଇପାରିବେ। ପଚାରନ୍ତୁ, ପଥପ୍ରଦର୍ଶନକାରୀ ଉତ୍ତରଟି କ'ଣ ତାହା ଜାଣିଥିବା ଦରକାର। ସମୟ ଅନୁସାରେ ସେମାନେ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରନ୍ତି ଯେହେତୁ ସେମାନେ ସମସ୍ତ ଚଲା ପଥକୁ ଅତିକ୍ରମ କରିସାରିଥା'ନ୍ତି। ଜଣେ ପଥ ପ୍ରଦର୍ଶନକାରୀଙ୍କ କଥାବାର୍ତ୍ତା ସମ୍ଭବତଃ ଏହିଭଳି ହେବା ଉଚିତ:

ଆଜି ଏହା ଘଟିଲା ଏବଂ ମୁଁ ଜାଣେନି କ'ଣ କରିବାକୁ ହେବ।

ମୁଁ ଭାବୁଛି ଏହା ଗୋଟିଏ ଭଲ ଚିନ୍ତାଧାରା,...

ପ୍ରକୃତରେ ଏହି ଧାରଣାଟିକୁ ବୁଝିବା ପାଇଁ ମୁଁ ବହୁତ ସଂଘର୍ଷ କରୁଛି।

ତେଣୁ ଏହା ହେଉଛି ସେହି ଧାରଣା ଯାହା ଆପଣ ବୁଝିବା ଆବଶ୍ୟକ ମନେ କରୁଛନ୍ତି...

ପ୍ରକୃତରେ ମୋର ପାଠପଢ଼ା ଆଜି ବହୁତ ଭଲ ହେଲା, କିନ୍ତୁ ମୁଁ ନିଶ୍ଚିତ ନୁହେଁ ଯେ ମୁଁ ଭଲ ଫଳ ପାଇବି।

ଏବେ ଦେଖନ୍ତୁ ପ୍ରକୃତରେ ଆପଣ କ'ଣ କରିଛନ୍ତି ଏବଂ ମୁଁ ଆପଣଙ୍କୁ କିଛି ଉପାୟ ଦେଖାଇବି, ଯେ କିପରି ମୁଁ ମୋର କାର୍ଯ୍ୟକୁ ମୂଲ୍ୟାୟନ

ଜଣେ ବ୍ୟକ୍ତିଗତ ପ୍ରଶିକ୍ଷକଙ୍କ କାର୍ଯ୍ୟ ହେଉଛି ଚିନ୍ତାଧାରା, ଧାରଣାକୁ ବାହାର କରିବା। ପଥପ୍ରଦର୍ଶନକାରୀ ପ୍ରଥମେ ସେମାନେ ଏହାକୁ ସାହାଯ୍ୟ କରିବା ପାଇଁ କରନ୍ତି ଯାହା ସେମାନେ ନିର୍ଦ୍ଦିଷ୍ଟ ଭାବେ କ'ଣ କହିବାକୁ ଭାବିଥା'ନ୍ତି ଏବଂ ପରେ ପ୍ରତିଉତ୍ତର ଦେଇପାରିବେ, ଯାହା ପ୍ରଶିକ୍ଷାର୍ଥୀଙ୍କ ସେମାନଙ୍କର ନିଜସ୍ୱ ଚିନ୍ତାଧାରା ଏବଂ ଭାବନାକୁ ଶୁଣିବାରେ ସାହାଯ୍ୟ କରିଥାଏ। ଶିକ୍ଷକଙ୍କ ଅଟଳ ଅସମ୍ମତି ପ୍ରଶିକ୍ଷାର୍ଥୀଙ୍କୁ ନିଜ ସମାଧାନର ବାଟ ସ୍ଥିର କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ। ସବୁଠାରୁ ସାଧାରଣ ଅଭ୍ୟାସ ହେଉଛି ସ୍ଥିର ହୋଇ ବସି ରହିବା ଏବଂ କିଛି ନ କହିବା, ପ୍ରଶିକ୍ଷାର୍ଥୀଙ୍କ ଠାରୁ କିଛି ଶିଖିବା ପାଇଁ ଏହା ଆପଣଙ୍କ ପାଇଁ ବହୁତ ବଡ଼ ଆହ୍ୱାନ। ଘରୋଇ ପ୍ରଶିକ୍ଷକଙ୍କ ପ୍ରଶ୍ନ ଏହିପରି ହୋଇପାରେ...

ମୋତେ କିଛି କୁହ... ?

ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ଆପଣ ତାହାକୁ କିପରି ବ୍ୟବହାର କରିଛନ୍ତି ?

ଆପଣ କେତେ ଦୂର ଚିନ୍ତା କରୁଛନ୍ତି ଯେ ଆପଣ ସେହି ସମସ୍ୟା ପାଇଁ କିଛି କରିପାରିବେ ?

ଆପଣ କ'ଣ କହୁଛନ୍ତି, ଯେ ଆପଣ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଚାହୁଁନାହାନ୍ତି ?

ଏହି ସପ୍ତାହରେ କେଉଁ କାର୍ଯ୍ୟ ଭଲରେ ହୋଇଛି ?

ଅନ୍ୟ ସମୟରେ ଆପଣ ସେହି କାର୍ଯ୍ୟକୁ କିଭଳି ଅଲଗା ଭାବେ କରିପାରିବେ ?

ଆପଣଙ୍କୁ କିଏ ସେହି କାର୍ଯ୍ୟରେ ସାହାଯ୍ୟ କରିବେ ?

ଏହା ମନେରଖିବାକୁ ହେବ ଯେ ବ୍ୟକ୍ତିଗତ ପ୍ରଶିକ୍ଷକ ଏବଂ ଉପଦେଷ୍ଟାଙ୍କ ବାର୍ତ୍ତାଳାପ କେବଳ ନିଅଣ୍ଟକୁ ଦର୍ଶାଇବା ପାଇଁ ନୁହେଁ ବରଂ ସଫଳତା ଓ ଦକ୍ଷତାକୁ ପାଳନ କରିବା ପାଇଁ ହେବା ଉଚିତ୍। ଶିକ୍ଷକଗଣ କ'ଣ ଭଲ କରିଛନ୍ତି ଯେ ଯାହାକୁ ପୁନରାବୃତ୍ତି କରିହେବ ଓ ବିକାଶ କରିହେବ ସେଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ। ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନକାରୀ ସାମର୍ଥ୍ୟ ଓ ଦୁର୍ବଳତାଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ଉଚିତ୍।

ସମୟ ସମୟରେ ବ୍ୟକ୍ତିଗତ ପ୍ରଶିକ୍ଷଣ ଏବଂ ଉପଦେଷ୍ଟାଙ୍କ କାର୍ଯ୍ୟ ବ୍ୟକ୍ତିଗତ ଘଟଣାକୁ ଆଧାର କରିଥାଏ। ଏହା ମନେ ରଖିବାକୁ ହେବ, ଆପଣଙ୍କର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଦିଷ୍ଟ ବ୍ୟକ୍ତିର ବୃତ୍ତିଗତ ସମସ୍ୟାକୁ ସମାଧାନ କରିବା, ଯାହା ସେମାନଙ୍କର କାର୍ଯ୍ୟଧାରା ଏବଂ ଶିକ୍ଷାର୍ଥୀଙ୍କ ଶିଖିବା କାର୍ଯ୍ୟକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ।

## ଶିକ୍ଷଣକାର୍ଯ୍ୟ-୨ : କିଏ ଶୁଣିବାକୁ ମୁଁ ଆବଶ୍ୟକ ମନେ କରୁଛି ?

ଏହି କାର୍ଯ୍ୟରେ ଆପଣ କିମ୍ବା ଆପଣଙ୍କର ସହକର୍ମୀ ବିଦ୍ୟାଳୟରେ ସମ୍ମୁଖୀନ ହେଉଥିବା ଅନେକଗୁଡ଼ିଏ ସମସ୍ୟା ସମ୍ବନ୍ଧରେ ଚିନ୍ତା କରନ୍ତୁ ଯାହାକି ବ୍ୟକ୍ତିଗତ ପ୍ରଶିକ୍ଷଣ ଏବଂ ପଥପ୍ରଦର୍ଶନକାରୀଙ୍କ କଥୋପକଥନରୁ ଲାଭଦାୟକ ହୋଇପାରେ। କାର୍ଯ୍ୟର ପ୍ରଥମ ଭାଗରେ ଆପଣ ଏକା କାର୍ଯ୍ୟ କରନ୍ତୁ। ଆପଣ ନିଶ୍ଚିତଭାବେ ଅନ୍ୟମାନଙ୍କୁ ଉତ୍ସାହିତ କରିବେ, ଯାହାଦ୍ୱାରା ସେମାନଙ୍କର ମତ ଆପଣଙ୍କୁ ଦ୍ୱିତୀୟଭାଗରେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ।

ତଳ ବିଷୟବସ୍ତୁ ଉପରେ ଧ୍ୟାନ ପ୍ରଦାନ କରନ୍ତୁ ଏବଂ ନିଜ ଶିକ୍ଷକ ପୁସ୍ତିକାରେ ନିଜର ଭାବନାକୁ ଲିପିବଦ୍ଧ କରନ୍ତୁ:

- ଆପଣଙ୍କ ବିଦ୍ୟାଳୟର ଦୁଇଜଣ ଶିକ୍ଷକଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରନ୍ତୁ। ଜଣେ କମ୍ ଅଭିଜ୍ଞତା ବିଶିଷ୍ଟ ହୋଇଥିବେ ଯାହାଙ୍କୁ

ଆପଣ ପଥପ୍ରଦର୍ଶନ କରିବେ ଯାହାଦ୍ୱାରା ସେମାନେ ଆପଣଙ୍କର ଜ୍ଞାନ ଏବଂ ଦକ୍ଷତାରୁ ଉପକୃତ ହେବେ। ଅନ୍ୟ ଶିକ୍ଷକ ଜଣକ ଏପରି ହୋଇଥିବେ ଯିଏକି ନିଜର ଆଭିମୁଖ୍ୟ ଉପରେ ପୁନଃଚିନ୍ତିତ କରିପାରୁଥିବେ କିମ୍ବା ସେମାନେ ସୃଷ୍ଟି କରିଥିବା ସମସ୍ୟାର ସମାଧାନ ବାହାର କରିପାରୁଥିବେ।

- ଗତ ସପ୍ତାହରେ ଏମିତି କିଛି ଘଟଣା ବା ସମସ୍ୟା ଦେଖାଯାଇଥିବ ଯାହାକି ସେମାନଙ୍କର ଶିକ୍ଷାଦାନରେ ପ୍ରଭାବ ପକେଇଥିବ । ଏହା ପରିସ୍ଥିତି ଅନୁଯାୟୀ ଭିନ୍ନ ଧରଣର ହୋଇପାରେ, ଯେପରିକି ଅମଳ ସମୟ ଯୋଗୁଁ ଅନୁପସ୍ଥିତ, ପରିଚିତ ନଥିବା କୌଣସି ଏକ ବିଷୟରେ ନିଜ ସାମର୍ଥ୍ୟ ଅନୁଯାୟୀ ପାଠ ନ ପଢ଼ାଇପାରିବା, ଅନିୟମିତ ଶିକ୍ଷାର୍ଥୀ, ତ୍ୱରାନିତଃ ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟାଘାତ କିମ୍ବା ଶିକ୍ଷକ ସଂଖ୍ୟା କମ୍ ହେତୁ ଏକ ସମୟରେ ଦୁଇଟି ଶ୍ରେଣୀରେ ଶିକ୍ଷାଦାନର ସମସ୍ୟା ଉପୁଜୁଥିବ।

ବର୍ତ୍ତମାନ ଆପଣ ବାହାର କରିବେ "କିଏ" କାହା ସମ୍ବନ୍ଧରେ"। ତଳେ ଦିଆଯାଇଥିବା ସାରଣୀଟିକୁ ନିଜ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରନ୍ତୁ ଏବଂ ଏହାର ପ୍ରଥମ ଦୁଇଟି ସ୍ତମ୍ଭକୁ ପୂରଣ କରନ୍ତୁ।

***ସାରଣୀ୧*** *ସହକର୍ମୀଙ୍କ ବ୍ୟକ୍ତିଗତ ପ୍ରଶିକ୍ଷଣ ଏବଂ ପଥ ପ୍ରଦର୍ଶନର ମାଟ୍ରିକ୍ସ ପାଇଁ ଏକ ନମୁନା ପତ୍ର*

| ବିଷୟର ମୁଖ୍ୟ | ଭଲ ପ୍ରଦର୍ଶନ କରିପାରୁନଥିବା ସହକର୍ମୀଙ୍କ ସହ କିଭଳି ବ୍ୟବହାର କରିବେ | ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ | ସେମାନଙ୍କ କାର୍ଯ୍ୟାଳୟ ବା ଶ୍ରେଣୀଗୃହରେ ଯେତେ ସମୟ ଯାଏଁ ଆପଣ କ୍ଷୁବ୍ଧ ହୋଇନାହାନ୍ତି। | ଯଦିଓ ପଥପ୍ରଦର୍ଶନ କରିବା ଆବଶ୍ୟକ ଏହାର ମୂଳ ଲକ୍ଷ୍ୟ ହେଉଛି ବର୍ଷ ସାରା ଅଣଦେଖା କରୁଥିବା ସମସ୍ୟାର ସମାଧାନ ବାହାର କରିବା ପାଇଁ ସାହାଯ୍ୟ ପ୍ରଦାନ ଏହି କଥୋପକଥନ ଭଲ ପ୍ରଦର୍ଶନ କରିପାରୁନଥିବା ବିଷୟରେ ଆଧାରିତ ନୁହେଁ। ଯେଉଁ ଘଟଣାକୁ ବିଷୟର ମୁଖ୍ୟ ପରିଚାଳିତ କରିପାରିବେ ସେଥିରେ ଦକ୍ଷତା ଏବଂ ସାମର୍ଥ୍ୟକୁ ବୃଦ୍ଧି କରିବା ଉପରେ ଆଧାରିତ। |
|---|---|---|---|---|
| | | | | |

ବର୍ତ୍ତମାନ ସ୍ଥିର କରନ୍ତୁ, ବ୍ୟକ୍ତିଗତ ଶିକ୍ଷାଦାନ କିମ୍ବା ପଥ ପ୍ରଦର୍ଶନ ପାଇଁ ଆପଣ ଯେଉଁ ସୁଯୋଗ ସୃଷ୍ଟି କରୁଛନ୍ତି ଏବଂ ତାହାକୁ ଆପଣ ସ୍ଥିର କରିଥିବା ପ୍ରତ୍ୟେକ ସହକର୍ମୀଙ୍କ ପାଇଁ ପରବର୍ତ୍ତୀ ସ୍ତମ୍ଭରେ ଉଲ୍ଲେଖ କରନ୍ତୁ। ଚିନ୍ତା କରନ୍ତୁ ପ୍ରଶ୍ନ ପଚାରିବା ଏବଂ ଶୁଣିବା ଦ୍ୱାରା ନିଜର ସମସ୍ୟା ଖୋଜି ପାଇବାରେ ଆପଣ ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି କିମ୍ବା ଆପଣ ଜଣେ ଅଭିଜ୍ଞ ବ୍ୟକ୍ତିର କାର୍ଯ୍ୟ ସଂମ୍ପାଦନ କରୁଛନ୍ତି ଏବଂ ଆପଣଙ୍କର ଜ୍ଞାନ ଅନୁଯାୟୀ ଆପଣ ସେମାନଙ୍କୁ ମାର୍ଗ ଦର୍ଶନ କରୁଛନ୍ତି। ଆପଣ ମଧ୍ୟ ସ୍ଥିର କରିବା ଉଚିତ ଯେ ଆପଣ କେତେକ ଅନଭିଜ୍ଞ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି (ଉଦାହରଣସ୍ୱରୂପ: ଅଭିଭାବକଙ୍କ ସହ ବ୍ୟସ୍ତ ରହିବା ପାଇଁ ନୂତନ ଚିନ୍ତାଧାରାଗୁଡ଼ିକୁ ଖୋଜି ବାହାର କରିବାରେ ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ) ଏବଂ କେତେକ ପରିସ୍ଥିତି ଯେପରିକି ବିଦ୍ୟାଳୟରେ ଗଣିତ ପାଠ୍ୟକ୍ରମର ପ୍ରସାର ପାଇଁ ଦାୟିତ୍ୱ ନେବା ସମୟରେ ଆପଣ ଚିନ୍ତା କରନ୍ତି ଯେ ଅନେକ ସମୟରେ ଆପଣ ଅନ୍ୟ ଶିକ୍ଷକଙ୍କୁ ପଥ ପ୍ରଦର୍ଶନ କରିବେ। ଏହି ଦୁଇଟି ଉପାୟକୁ ଛାଡ଼ି ହେବ ନାହିଁ।

ଚତୁର୍ଥ ସ୍ତମ୍ଭ ଆଧାରରେ ଆପଣ ସ୍ଥିର କରନ୍ତୁ ଯେ କଥୋପକଥନରେ ଆପଣ ଏବେ କେଉଁ ସ୍ଥାନରେ ଅଛନ୍ତି। ଶିକ୍ଷଣ ସମ୍ବଳକୁ ବୃଦ୍ଧି କରିବା ପାଇଁ ଆପଣ କାହାରିକୁ ପଥ ପ୍ରଦର୍ଶନ କରନ୍ତୁ ଏବଂ ପ୍ରଦର୍ଶନ ନିଶ୍ଚିତ ଭାବେ ଶ୍ରେଣୀଗୃହରେ ହେବା ଉଚିତ, ଯେତେବେଳେ କାହାରିକୁ ପଥ ପ୍ରଦର୍ଶନ କରିବେ, ସେତେବେଳେ ଶିକ୍ଷାର୍ଥୀଙ୍କୁ ମୂଲ୍ୟାୟନ କରିବାର ଦକ୍ଷତାକୁ ଯେପରି ବୃଦ୍ଧି କରିବେ, ମାତ୍ର ମନେ ରଖିବେ ଯେ ଏହା ଦ୍ୱାରା ଆପଣ ଯେଭଳି ଅନ୍ୟମନସ୍କ ନ ହୁଅନ୍ତି। ମନେ ରଖିବାକୁ ହେବ ଯେ କଥୋପକଥନ ଶ୍ରେଣୀଗୃହ ମଧ୍ୟରେ ହୋଇପାରିବ କିମ୍ବା ଏକ ପଡ଼ିଆର ଏକ ନିରୋଳା ସ୍ଥାନରେ ସମ୍ଭବ। ଯଦି ଆପଣଙ୍କ ନିକଟରେ ଏକ କାର୍ଯ୍ୟାଳୟ ଅଛି, ତେବେ ଏହା

ସବୁଠାରୁ ଭଲ ସ୍ଥାନ କାହା ସହ କଥୋପକଥନ କରିବା ପାଇଁ କାରଣ ସେହି ପରିବେଶରେ କେବଳ ନିଜର କ୍ଷମତା ରହିଥିବ। କଥୋପକଥନର ବିଷୟବସ୍ତୁ ସମୟ ସମୟରେ ସ୍ଥାନକୁ ଠିକ୍ ନିର୍ଦ୍ଧାରିତ କରିଥାଏ।

ଶେଷରେ, ଶେଷ ସ୍ତମ୍ଭରେ କିଛି ଲେଖନ୍ତୁ ଯାହା ଆପଣଙ୍କୁ କେତେକ ଘଟଣାକୁ ପୁଣି ଥରେ ମନେ ପକେଇବାରେ ସାହାଯ୍ୟ କରିବା ସହ ଆପଣଙ୍କ କଥୋପନକଥନକୁ ଏକ ଦିଗଦର୍ଶନ ପ୍ରଦାନ କରିବ।

## ଆଲୋଚନା

ବର୍ତ୍ତମାନ ସାରଣୀ-୨କୁ ଲକ୍ଷ୍ୟ କରନ୍ତୁ, ଯାହା ଏକ ମାଟ୍ରିକ୍ସର ଉଦାହରଣ ଅଟେ ଏବଂ ଗତ ସପ୍ତାହର ଦୁଇଟି କଥୋପକଥନକୁ ବିଦ୍ୟାଳୟର ଜଣେ ମୁଖ୍ୟ ଲିପିବଦ୍ଧ କରିଥିଲେ । ଏହା ଆପଣଙ୍କ ସହ କିପରି ସମତୁଲ, ତାହା ସ୍ଥିର କରନ୍ତୁ।

***ସାରଣୀ -୨ : ସହକର୍ମୀଙ୍କ ବ୍ୟକ୍ତିଗତ ଶିକ୍ଷାଦାନ ଏବଂ ପଥ ପ୍ରଦର୍ଶନ ମାଟ୍ରିକ୍ସର ଏକ ଉଦାହରଣ ।***

| ସହକର୍ମୀଙ୍କ କାର୍ଯ୍ୟ | ସମସ୍ୟା, ଘଟଣା କିମ୍ବା ସୁଯୋଗ | କଥୋପକଥନର ପ୍ରକାର : ବ୍ୟକ୍ତିଗତ ଶିକ୍ଷାଦାନ ଏବଂ ପଥ ପ୍ରଦର୍ଶନ | ସ୍ଥାନ | ମନ୍ତବ୍ୟ |
|---|---|---|---|---|
| ଶିକ୍ଷକ | ପରିବାରର ସମସ୍ୟା / ଅସୁସ୍ଥତା | ପଥ ପ୍ରଦର୍ଶନ | ଯେଉଁଠାରେ ସେମାନେ ଗୋଟେ କପ୍ ଚା ଗ୍ରହଣ କରିହେଉଥିବ ଏବଂ ଆରାମଦାୟକ ଅନୁଭବ କରୁଥିବେ। | ଆପଣ ସହକର୍ମୀଙ୍କ ପାଇଁ ନିଜକୁ ଜଣେ ସାହାଯ୍ୟକାରୀ ବୋଲି ବିବେଚନା କରିବେ ମାତ୍ର ପ୍ରଥମତଃ ଆପଣ ଶିକ୍ଷାର୍ଥୀଙ୍କ ଶିକ୍ଷା ଗ୍ରହଣ ଉପରେ ଯେପରି କମ୍ ପ୍ରଭାବ ପଡ଼ିବ ସେଥିପ୍ରତି ଧ୍ୟାନ ଦେବେ। |
| ବିଷୟର ମୁଖ୍ୟ | ଭଲ ପ୍ରଦର୍ଶନ କରିପାରୁନଥିବା ସହକର୍ମୀଙ୍କ ସହ କିଭଳି ବ୍ୟବହାର କରିବେ। | ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶଁନ | ସେମାନଙ୍କ କାର୍ଯ୍ୟାଳୟ ବା ଶ୍ରେଣୀଗୃହରେ ଯେତେ ସମୟ ପାଇଁ ଆପଣ କ୍ଷୁବ୍ଧ ହୋଇନାହାନ୍ତି। | |
| | | | | ଯଦିଓ ପଥପ୍ରଦର୍ଶନ କରିବା ଆବଶ୍ୟକ ଏହାର ମୂଳ ଲକ୍ଷ୍ୟ ହେଉଛି ବର୍ଷସାରା ଅଣଦେଖା କରୁଥିବା ସମସ୍ୟାର ସମାଧାନ, ବାହାର କରିବା ପାଇଁ ସାହାଯ୍ୟ ପ୍ରଦାନ। ଏହି କଥୋପକଥନ ଭଲ ପ୍ରଦର୍ଶନ କରିପାରୁନଥିବା ବିଷୟରେ ଆଧାରିତ ନୁହେଁ, ଯେଉଁ |

| | | | | |
|---|---|---|---|---|
| | | | | ଘଟଣାକୁ ବିଷୟର ମୁଖ୍ୟ ପରିଚାଳିତ କରିପାରିବେ ସେଥିରେ ଦକ୍ଷତା ଏବଂ ସାମର୍ଥ୍ୟକୁ ବୃଦ୍ଧି କରିବା ଉପରେ ଆଧାରିତ । |

ନିଜର କଥୋପକଥନକୁ ସର୍ବାଧିକ ଫଳପ୍ରଦ କରିବା ପାଇଁ ପୂର୍ବରୁ ଅନେକ ଥର ଚିନ୍ତା କରିବାର ଅଛି । ଏହି ଉପାୟରେ ଆପଣ ନିଶ୍ଚିତ ହୋଇପାରିବେ ଯେ ଆପଣଙ୍କର ସମସ୍ତ ସମସ୍ୟାକୁ ଏକ ସଠିକ୍ ଦିଗରେ ନେଇପାରିବେ, ଯେତେବେଳେ ଆପଣ ପୂର୍ବରୁ କିଛି କହିବାକୁ ଚିନ୍ତା କରୁଛନ୍ତି ଏବଂ କେଉଁଠାରେ ଏହାକୁ କହିପାରିବେ । ଦୈନନ୍ଦିନ ସମୟ ନିର୍ଘଣ୍ଟ ଆଧାରରେ ବେଳେବେଳ ଏମିତି କଥୋପକଥନକୁ ଉପସ୍ଥାପନ କରିବାର ସୁଯୋଗ ଅଛି ଏବଂ ଏହାର ଅନ୍ୟ ଏକ କାରଣ ହେଉଛି ଆପଣଙ୍କର ସହକର୍ମୀଙ୍କ ସହ ସ୍ୱଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବେ କଥା ହେବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ଉଦାହରଣସ୍ୱରୂପ :

> ଆପଣ ଏହି ସବୁକୁ କିଭଳି ହାସଲ କଲେ ସେ ସମ୍ବନ୍ଧରେ ଆମେ କିଛିକ୍ଷଣ କଥା ହୋଇପାରିବା ?

> ମୋତେ କହିଥିବାରୁ ବହୁତ ଧନ୍ୟବାଦ, ପରେ କେବେ ଏକତ୍ରିତ ଭାବରେ ଚିନ୍ତା କରିଛନ୍ତି କି କିଭଳି ଏହାକୁ ସମାଧାନ କରିପାରିବେ ?

## ୨ ଉଦ୍ଦେଶ୍ୟରହିତ ବାର୍ତ୍ତାଳାପ ପାଇଁ ପ୍ରସ୍ତୁତି

ଭଲ ବ୍ୟକ୍ତିଗତ ଶିକ୍ଷକ ଏବଂ ପଥପ୍ରଦର୍ଶକ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ଅଭ୍ୟାସଗୁଡ଼ିକୁ ଆଲୋଚନା କରିଥା'ନ୍ତି ଏବଂ ସହାୟତା ପ୍ରଦାନ କରିବାକୁ ଅନେକ ସମୟରେ ପ୍ରତିଶୃତି ମଧ ଦେଇଥା'ନ୍ତି, ଯେଉଁଠି ଗୋଟିଏ କଥୋପକଥନ ଅନ୍ୟକୁ ଆଗେଇ ନେଇଥାଏ । ଏହି ଉପାୟରେ ଏକ ଦୃଢ଼ ସମ୍ପର୍କ ସ୍ଥାପନ ହୋଇପାରିବ, କିନ୍ତୁ ମନେ ରଖିବାକୁ ହେବ ଯେ ସମୟ ଅନୁସାରେ ବ୍ୟକ୍ତିଗତ ଶିକ୍ଷକ ଏବଂ ପଥପ୍ରଦର୍ଶକଙ୍କ ଶିକ୍ଷା ବହୁତ ପ୍ରଭାବ ପକାଇଥାଏ । ବ୍ୟକ୍ତିଗତ ଶିକ୍ଷକ କିମ୍ୱା ପଥପ୍ରଦର୍ଶକ ଭଲ କଥୋପକଥନ ପାଇଁ ଉପଯୁକ୍ତ ସ୍ଥାନ, ସମୟ ଏବଂ ମନର ଅବସ୍ଥା ସମ୍ପର୍କରେ ନିଶ୍ଚିତ କରିବା ଆବଶ୍ୟକ । ବେଳେବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକାଧିକ ବାର ସାପ୍ତାହିକ ଅଧିବେଶନ ଅନୁଷ୍ଠିତ ହୋଇପାରେ ଏବଂ ଅନ୍ୟ ସମୟରେ ଏହା ଏକ ସାଧାରଣ ସଂଯୋଜନା ହୋଇପାରେ । ବେଳେବେଳେ ଏହି କଥୋପକଥନ ବାରଣ୍ଡାରେ କିଛି ସମୟ ପାଇଁ ଅନୁଷ୍ଠିତ ହୋଇପାରେ, ସାଧାରଣଭାବେ ଏହା ଅତିକମରେ ଅଧଘଣ୍ଟା ପର୍ଯ୍ୟନ୍ତ ଚାଲିବା ଉଚିତ୍ ।

ବ୍ୟକ୍ତିଗତ ଶିକ୍ଷକ କିମ୍ୱା ପଥପ୍ରଦର୍ଶକ ଜାଣିରଖିବା ଉଚିତ ଯେ କଥୋପକଥନ ସଂମ୍ପୂର୍ଣରୂପେ ସେମାନଙ୍କ ଉପରେ ପର୍ଯ୍ୟବେଶିତ ହେବା ଉଚିତ୍ । ବ୍ୟକ୍ତିଗତ ଶିକ୍ଷକ କିମ୍ୱା ପଥପ୍ରଦର୍ଶକ ଭାବରେ ସେମାନଙ୍କୁ ସହାୟତା କଲା ଭଳି ଆପଣ ସମୟ ଏବଂ ସ୍ଥାନ ନିର୍ଣ୍ଣୟ କରିବେ, ଯେଉଁଠି ଆପଣ ଅପ୍ରୀତିକର ଅବସ୍ଥା ଅନୁଭବ କରୁନଥିବେ ।



ଚିତ୍ର ୨: ଆପଣ କେଉଁଠି ବାର୍ତ୍ତାଳାପ କରିବେ ସେ ବିଷୟରେ ଚିନ୍ତା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ।

କଥୋପକଥନ କାର୍ଯ୍ୟ ସ୍ଥିର କରିବା ପାଇଁ କେଉଁଟି କରିବା ଉଚିତ୍ ଏବଂ ଅନୁଚିତ୍ ତାହାର କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତଳେ ଦିଆଗଲା:

- ସମସ୍ତ ମୋବାଇଲକୁ ସ୍ଥିର ଅବସ୍ଥାକୁ ଆଣନ୍ତୁ ଏବଂ ଦୂରେଇ ରଖନ୍ତୁ।
- ଯଦି ଆପଣ ବସିଛନ୍ତି, ତେବେ ଆପଣଙ୍କର ବସିବା ସ୍ଥାନକୁ କୌଣିକଭାବେ ପ୍ରତ୍ୟେକର ସାମ୍ନାରେ ରଖନ୍ତୁ ଏବଂ ପରସ୍ପର ଠାରୁ ଦୂରେଇ ରଖନ୍ତୁ ଯେଉଁଳି ପ୍ରଶିକ୍ଷକ କିମ୍ବା ପ୍ରଶିକ୍ଷାର୍ଥୀ କେହି ସାଙ୍ଗ ବୋଲି ବିବେଚନା କରିବେ ନାହିଁ। ଏହା ବହୁତ ଗୁରୁତ୍ୱପୂର୍ଣ୍ଣ, ଯଦି କଥୋପକଥନଟି ଜଣେ ପୁରୁଷ ଏବଂ ନାରୀ ମଧ୍ୟରେ ହେଉଥାଏ। ଆପଣଙ୍କ ଡ଼େସ୍କର ପଛରେ ନ ବସିବା ଆହୁରି ଭଲ ହେବ।
- ଯଦି ଘରୋଇ ପ୍ରଶିକ୍ଷକ ଭାବେ ଆପଣ ଲିପିବଦ୍ଧ କରିବା ପାଇଁ ଚାହୁଁଛନ୍ତି, ତେବେ ଆପଣ କରିପାରିବେ ଯଦି ଏହା ଗ୍ରହଣୀୟ ହୋଇପାରୁଥିବ (ଆପଣ ମଧ୍ୟ ଲକ୍ଷ୍ୟ କରୁଥିବେ ପ୍ରଶିକ୍ଷାର୍ଥୀ କିଛି ଲିପିବଦ୍ଧ କରିବା ପାଇଁ ଆବଶ୍ୟକ ମନେ କରୁଛନ୍ତି କ ନାହିଁ)।
- ପ୍ରକୃତରେ ଆଖି ସହ ଆଖିର ମିଶ୍ରଣ ବହୁତ ଗୁରୁତ୍ୱପୂର୍ଣ୍ଣ, ମୁଣ୍ଡ ହଲେଇ ଏହା ଜଣେଇବାର ଅଛି ଯେ ଆପଣ ଶୁଣୁଛନ୍ତି।
- ଆରମ୍ଭରୁ ଆପଣ ଏକତ୍ରିତ ଭାବେ ସହମତି ଆଣିବା ଦରକାର, ଯେ ଆପଣ କେତେ ସମୟ ଅତିକ୍ରାନ୍ତ କରିପାରିବେ।
- ପରସ୍ପର ମଧ୍ୟରେ କଥୋପକଥନ ଆରମ୍ଭ କରିବା ପାଇଁ ବର୍ତ୍ତମାନ ସମୟ ହୋଇଯାଇଛି। ପ୍ରଥମତଃ ଆପଣ ଜଣେ ବ୍ୟକ୍ତିଗତ ପ୍ରଶିକ୍ଷକ ଏବଂ ପରେ ଜଣେ ପଥ ପ୍ରଦର୍ଶନକାରୀଙ୍କ ଭୂମିକା ସଂମ୍ପର୍କରେ ଲକ୍ଷ୍ୟ ରଖିବେ।

## ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ କଥୋପକଥନ ପାଇଁ ପ୍ରସ୍ତୁତି

ଅଧିବେଶନ ଆରମ୍ଭ ହେବା କ୍ଷଣି, ଆପଣ କେବଳ ଆପଣଙ୍କ ସହ ଥିବା ବ୍ୟକ୍ତିଙ୍କ ଉପରେ ନିଜର ଧ୍ୟାନ କେନ୍ଦ୍ରୀଭୂତ କରିବେ।

ଆପଣଙ୍କର ପ୍ରଥମ କାର୍ଯ୍ୟ ହେଉଛି ପ୍ରଶିକ୍ଷାର୍ଥୀଙ୍କୁ ସହଜ ବୋଧ କରାଇବେ। ଆପଣ ପ୍ରଶ୍ନ ପଚାରି ସାରିବା ପରେ ସେମାନେ କ'ଣ କହୁଛନ୍ତି ତାହା ସ୍ଥିର ହୋଇ ଶୁଣିବେ। ସେମାନେ ଯେତେବେଳେ ରହିଯିବେ, ଅଧିକ କହିବା ପାଇଁ ଆପଣ ପୁଣି କିଛି ପଚାରନ୍ତୁ।

ଯେତେ ସମ୍ଭବ ସ୍ଥିର ହୋଇ ବସନ୍ତୁ। ବକ୍ତାଙ୍କୁ ଅସୁବିଧାରେ ପକାଉଥିବା ଜିନିଷକୁ ଦୂରେଇ ରଖନ୍ତୁ, ଯାହା ସେମାନଙ୍କର ଚିନ୍ତାଧାରାରେ ବାଧା ସୃଷ୍ଟି କରିବ। ଲକ୍ଷ୍ୟ କରନ୍ତୁ କିଭଳି ସେମାନେ ବସିଛନ୍ତି ଆଉ କିଭଳି ନିଜକୁ ପରିଚାଳିତ କରୁଛନ୍ତି। ସେମାନଙ୍କର ପ୍ରତିକୃତି ହେବା ପାଇଁ ଚେଷ୍ଟା କରନ୍ତୁ। ସେମାନେ ଯାହା କରିବେ ସେଥିରୁ ଆଗକୁ ଆପଣ କିଛି ଶିଖିପାରିବେ କିମ୍ବା ହାତରେ ଅଙ୍ଗଭଙ୍ଗୀ କରନ୍ତୁ। କଥୋପକଥନ ଚାଲିଥିବା ସମୟରେ ବେଳେବେଳେ ଏହି ପ୍ରତିବିମ୍ବ ସତ ବୋଲି ପ୍ରମାଣିତ ହୋଇଥାଏ।

ଯଦି ଆପଣଙ୍କର ପ୍ରଶିକ୍ଷଣ କୌଣସି ଏକ ନିର୍ଦ୍ଦିଷ୍ଟ ଧାରଣା ଉପରେ ପର୍ଯ୍ୟବେଶିତ ହେଉଥାଏ, ଆପଣ ପୂର୍ବରୁ ରାଜି ହୋଇଥିବା ଦରକାର (ଉଦାହରଣସ୍ୱରୂପ- ଆପଣ ସମ୍ବଳ-୨: ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଲକ୍ଷ୍ୟ କରନ୍ତୁ) ତଥାପି ଆପଣଙ୍କୁ ସ୍ଥିର ହୋଇ ଶୁଣିବାକୁ ହେବ ଯେ ପ୍ରଥମ ଦୃଷ୍ଟାନ୍ତରୁ ପ୍ରଶିକ୍ଷାର୍ଥୀ କ'ଣ ବୁଝିଲେ।

ବ୍ୟକ୍ତିଗତ ପ୍ରଶିକ୍ଷଣ ବହୁତ ଥକ୍କା ଅନୁଭବ କରିଥାଏ, କାରଣ ଆପଣଙ୍କୁ କଷ୍ଟ ସହିତ ସମସ୍ତ ଘଟଣାକୁ ଶୁଣିବାକୁ ହେବ। ବକ୍ତା କ'ଣ କହୁଛନ୍ତି ସେଥିପାଇଁ ଆପଣଙ୍କୁ କିଛି ସହାୟତା ପ୍ରଦାନ ଆବଶ୍ୟକ, ତେଣୁ ମନେରଖନ୍ତୁ ଯେ ବେଳେବେଳେ ଆପଣଙ୍କୁ ମନେରଖିବା ପାଇଁ ଅଧିକ ପରିଶ୍ରମ କରିବାକୁ ହେବ। କେତେକ ନୂତନ ଶବ୍ଦ କିମ୍ବା ବାକ୍ୟାଂଶ ଶୁଣି ଲିପିବଦ୍ଧ କରିବା ପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ବ୍ୟକ୍ତିଗତ ପ୍ରଶିକ୍ଷକ ସାଧାରଣ ଭାବେ ଅନୁମତି ମାଗିବା ଉଚିତ୍, ଏହିପରି ଯଦି ଆପଣ କିଛି ମନେ ନ କରନ୍ତି, ତାହାହେଲେ ମୁଁ କିଛି ନୋଟ କରିଥା'ନ୍ତି। ଯେତେବେଳେ ଆପଣ ସହାୟତା ପ୍ରଦାନ କରୁଛନ୍ତି, ତେବେ କ୍ରମାଗତ ଭାବେ କରନ୍ତୁ, ଏହିଭଳି ବାକ୍ୟାଂଶକୁ ବ୍ୟବହାର କରି:

ଯେତେବେଳେ ଆପଣ କାର୍ଯ୍ୟ ଆରମ୍ଭ କରିବେ, ତା'ପରେ ଆପଣ ବର୍ଣ୍ଣନା କରିବାକୁ ଯିବେ...

ଏହିଗୁଡ଼ିକ ମଧ୍ୟରୁ ଆପଣଙ୍କୁ କେଉଁଟି ଅଧିକ ପସନ୍ଦ ?

ଆରମ୍ଭ ପାଇଁ ଆପଣ କେଉଁଟିରେ ଅଧିକ ମନୋନିବେଶ କରିବେ ?

ପ୍ରାରମ୍ଭିକ ଅବସ୍ଥା ସଂମ୍ପୂର୍ଣ୍ଣ ହେବା ପାଇଁ କିଛି ସମୟ ଲାଗିବ, କାରଣ ପ୍ରଥମ ଅବସ୍ଥାରେ ପ୍ରଶିକ୍ଷାର୍ଥୀ କହୁଥିବା ତଥ୍ୟ ଅପରପାର୍ଶ୍ୱରେ ବସିଥିବା ବ୍ୟକ୍ତିଙ୍କ ମନରେ ନ ଥାଇପାରେ। ଅଧିକ ଛାନିୟା ହେବା ନାହିଁ ଏବଂ ଅତି ଶୀଘ୍ର ସେମାନଙ୍କୁ ଠେଲି ଦେବା ଉଚିତ ନୁହେଁ। ସାଧାରଣ ଭାବେ କଥୋପକଥନକୁ ଆଗକୁ ନେବା ପାଇଁ ଅନୁମତି ଦେବା ଉଚିତ୍।

ଯେତେବେଳେ ଆପଣ ନିଶ୍ଚିତ ହୋଇଯିବେ ଯେ ଆପଣଙ୍କର ପ୍ରଶିକ୍ଷାର୍ଥୀ ପ୍ରକୃତରେ ଯାହା କହିବାକୁ ଚାହୁଁଥିଲେ ତାହା ସମାପ୍ତ କରିସାରିଛନ୍ତି, ତେବେ ଆପଣ ନିଜକୁ ପ୍ରସ୍ତୁତ କରିନେଇଥିବେ ଯେ କଥୋପକଥନର ନିର୍ଯ୍ୟାସ କ'ଣ ସେମାନେ ଜାଣିବାକୁ ଚାହୁଁଛନ୍ତି। ଏହା ନିମ୍ନ ଉକ୍ତି ଧରଣର ହୋଇପାରେ, ଯାହା ଆପଣ ଜଣେ ପ୍ରଶିକ୍ଷକ ଭାବେ କହିପାରିବେ।

ଅଧିବେଶନ ଶେଷରେ ମୁଁ ଚାହୁଁଛି

ଏହା କରିବା ପାଇଁ ଆପଣଙ୍କୁ ସେମାନଙ୍କ ସହ ମିଶି ସଫଳ ଫଳାଫଳ ପାଇଁ ଅନୁସନ୍ଧାନ କରିବା ଆବଶ୍ୟକ।

ଅଧିବେଶନ ସାରା ଲକ୍ଷ୍ୟ କରନ୍ତୁ କିପରି ପ୍ରଶିକ୍ଷାର୍ଥୀର ମୁଖଭଙ୍ଗୀର ପରିବର୍ତ୍ତନ ଘଟୁଛି ଏବଂ ସେମାନଙ୍କର ହାତ କିଭଳି ଗତିଶୀଳ ହେଉଛି। ଏଗୁଡ଼ିକ ହେଉଛି ସେମାନଙ୍କର ଭାବନା ଜାଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ। କିନ୍ତୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ଆପଣଙ୍କର ପ୍ରଶିକ୍ଷାର୍ଥୀ ବ୍ୟବହାର କରିଥିବା ସମସ୍ତ ଶବ୍ଦ ଗୁଡ଼ିକୁ ଧ୍ୟାନ ସହକାରେ ଶୁଣିବା, ଉଦାହରଣସ୍ୱରୂପ,

ମୁଁ ସଂମ୍ପୂର୍ଣ୍ଣ ଅସହାୟ ଭଳି ଅନୁଭବ କରୁଛି

ବାସ୍ତବରେ କମ୍ ଦକ୍ଷତା ସମ୍ପନ୍ନ ଶିକ୍ଷାର୍ଥୀମାନଙ୍କ ଯତ୍ନ କେହି ନିଅନ୍ତି ନାହିଁ

ଶ୍ରେଣୀରେ ଜଟିଳ ବିଷୟରେ ସମସ୍ତେ କଷ୍ଟ ଅନୁଭବ କରିଥା'ନ୍ତି

ଆପଣଙ୍କର ମନ୍ତବ୍ୟ ଏହି ବାକ୍ୟ ପାଇଁ ନିମ୍ନଲିଖିତ ଗୁଡ଼ିକୁ ଧାରଣ କରିବେ:

> ସେ ବିଷୟରେ ଆପଣ ମୋତେ ଅଳ୍ପ କିଛି କହିପାରିବେ କି ?

> ଆପଣ ଭାବୁଛନ୍ତି କେହି ଜଣେ ବି ନ ଥିଲେ ?

> ବର୍ତ୍ତମାନ ଆପଣ ଶବ୍ଦ 'ସର୍ବଦା'କୁ ବ୍ୟବହାର କରନ୍ତୁ । ଯାହା ଆପଣ ମନେ କରୁଥିଲେ ଏହା ତାହା କି ?

ପ୍ରଶିକ୍ଷକ ଏହି ଅନୁସନ୍ଧାତ୍ମକ କାର୍ଯ୍ୟକୁ "ନିୟମାବଳୀର ଭଙ୍ଗ" ବୋଲି କୁହନ୍ତି ।

ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ଆପଣଙ୍କର ଶେଷ କାର୍ଯ୍ୟ ହେଉଛି, ଅଧିବେଶନରୁ ଯେଉଁ ନିର୍ଯ୍ୟାସ ଆସିଲା ଏବଂ ପ୍ରଶିକ୍ଷାର୍ଥୀ ଯେଉଁଥିରେ ଅଧିକ ପ୍ରତିଶ୍ରୁତିବଦ୍ଧ, ସେଥିରେ ସହମତି ପ୍ରକାଶ କରିବା । ଯେଉଁ କାମଗୁଡ଼ିକୁ ଗ୍ରହଣ କରି କାର୍ଯ୍ୟରେ ପରିଣତ କରିବା ପାଇଁ ସେମାନେ ଇଚ୍ଛୁକ, ସେଗୁଡ଼ିକ ଲେଖି ରଖିବା ଉଚିତ ଏବଂ ଦିଆଯାଉଥିବା ସମୟ ମଧ୍ୟରେ ସାରିପାରିବେ ବୋଲି ସହମତି ପ୍ରକାଶ କରିବା । ଆପଣଙ୍କର ଅଧିବେଶନ ସରିବା ପୂର୍ବରୁ ଏକ ପ୍ରତିଶ୍ରୁତି ଦେବା ଉଚିତ, ଯେପରିକି

> ପରିବର୍ତ୍ତୀ ତିନି ସପ୍ତାହ / ଆସନ୍ତା କାଲି ପରବର୍ତ୍ତୀ ସମୟରେ ଭେଟିବା ପୂର୍ବରୁ ମୁଁ...

ପ୍ରଶିକ୍ଷାର୍ଥୀମାନଙ୍କର ଭାବନାର ଅନୁଶୀଳନ ଓ ଅବଶିଷ୍ଟ ଅନିଶ୍ଚିତତାର ବିଶ୍ଳେଷଣ କରିବାପରେ ସେମାନେ ପରବର୍ତ୍ତୀସ୍ତରକୁ ଚୟନ କରିବେ ଏବଂ ଏହାକୁ ଆରାମରେ ଗ୍ରହଣ କରି ବାସ୍ତବରେ ଏହାର ପରିସମାପ୍ତି ପାଇଁ ଉଦ୍ୟମ କରିବେ । ଶେଷରେ, ସେମାନେ କ'ଣ କରିବାକୁ ଚାହୁଁଛନ୍ତି ଏବଂ ପରବର୍ତ୍ତୀ ଅଧିବେଶନ କେବେ କରାଯିବ ତାହା ସହମତି ଭିତରେ ସ୍ଥିର କରିବା ଉଚିତ୍ ।

## ପଥ ପ୍ରଦର୍ଶକ ବା ଉପଦେଷ୍ଟା ଭାବେ କଥୋପକଥନ ପାଇଁ ପ୍ରସ୍ତୁତି

ଉପଦେଷ୍ଟା ଭାବେ ଆପଣଙ୍କର ପ୍ରଶିକ୍ଷାର୍ଥୀକୁ ଆରାମରେ ବସିବାକୁ ଦେବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେପରି ପ୍ରଶିକ୍ଷକ ପ୍ରଶିକ୍ଷାର୍ଥୀ ପାଇଁ କରୁଥିଲେ । କାରଣ ଆପଣ ଜଣେ ଅଧିକ ବିଜ୍ଞ ବ୍ୟକ୍ତିର ଭୂମିକା ନିଭେଇବାକୁ ଯାଉଛନ୍ତି, ନିଜର ଅଭିଜ୍ଞତା ଓ ବିଚାର ଶକ୍ତି ପ୍ରଦାନ କରିବାକୁ ମଧ୍ୟ ଯାଉଛନ୍ତି । ଏହା ସମ୍ଭବ ଯଦି ଆପଣଙ୍କର ପ୍ରଶିକ୍ଷାର୍ଥୀ, ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ସବୁକିଛି ଜଣାଇଥିବେ । ତେଣୁ ପୁଣି ଥରେ ମନେ ପକେଇବା ପାଇଁ ଆପଣଙ୍କ ପାଇଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ଯଦି ଆପଣ ଡ଼େସ୍କ ପଛରେ ବସିଛନ୍ତି, ଆପଣଙ୍କର ଅଭିଜ୍ଞତା ନୁହେଁ ବ୍ୟକ୍ତି ସହ ଆପଣ କୋଠରି ପରିତ୍ୟାଗ କରିବେ ଯିଏ ଏହାକୁ ବହୁତ ଆବଶ୍ୟକ ମନେ କରୁଛନ୍ତି । ଆପଣଙ୍କ ଆଖିର ସରଳତା, ଯେଉଁ ଉପାୟରେ ଆପଣ ପ୍ରଶିକ୍ଷାର୍ଥୀକୁ ଶ୍ରେଣୀକୋଠରୀକୁ ଆକର୍ଷିତ କରିପାରୁଛନ୍ତି, ସହଜରେ କିଭଳି ଆପଣ ସେମାନଙ୍କୁ ସ୍ଥାପିତ କରୁଛନ୍ତି ଏବଂ ସେମାନଙ୍କ ସହ ବସୁଛନ୍ତି– ଏହି ସବୁ କାର୍ଯ୍ୟ, ସହଜରେ କଥୋପକଥନକୁ ଆରମ୍ଭ କରିବାରେ ସାହାଯ୍ୟ କରିବ ।

ପୂର୍ବଭଳି, ଏହା ବହୁତ ସଂବେଦନଶୀଳ ଅଟେ । କୌଣସି ନୋଟ୍ କରିବା ପାଇଁ ଅନୁମତି ମାଗିବା ଏବଂ ଯଦି ପ୍ରଶିକ୍ଷାର୍ଥୀ ଚାହୁଁଥିବେ ତେବେ ନିଶ୍ଚିତ କରିଦେବା ଆବଶ୍ୟକ ଯେ ସେ କିଛି ନୋଟ୍ କରିପାରିବେ ।

ଏହା ସମସ୍ୟା ନୁହେଁ ଯେ ଆପଣ କିଭଳି ଭାବେ କଥାବାର୍ତ୍ତା ଆରମ୍ଭ କରୁଛନ୍ତି, ମାତ୍ର ପୂର୍ବ କଥାବାର୍ତ୍ତାର ଫଳାଫଳ ଅନୁଯାୟୀ ହେବା ଦରକାର, ଯେପରିକି:

ଆମେ କହୁଛୁ ନିରନ୍ତର ମୂଲ୍ୟାୟନ ପାଇଁ ଆମେ ଡ଼ି.ଆଇ.ଇ.ଟି ରେ ଅନୁଷ୍ଠିତ କର୍ମଶାଳାରେ ମିଳିତ ହେବା...

ସହକର୍ମୀଙ୍କ ସହ ସାକ୍ଷାତ୍କାରରେ କଥୋପକଥନର ପୁନଃଶ୍ଚ ବ୍ୟବହାର...

ଯେତେବେଳେ ମୁଁ ଗତକାଲି ଆପଣଙ୍କ ଶ୍ରେଣୀକୁ ଆସିଥିଲି, ମୁଁ ଲକ୍ଷ୍ୟ କରିଥିଲି ଯେ...

ଯେତେବେଳେ ଆପଣ ଆମ୍ଭ ସହଯୋଗ ଦେଲେ, ଆମେ ରାଜିଥିଲୁ ଯେ ଆମେ ଗୋଟେ ସପ୍ତାହଧାରୀ କଥାବାର୍ତ୍ତା କରିବୁ...

ବେଳେବେଳେ ଆପଣ ଯାହା ଶୁଣିଥିବେ ଯେ ସାରାଂଶ ସ୍ଥିର କରିବାରେ ଆପଣଙ୍କର ସହଯୋଗ କ'ଣ ଅଛି ଏବଂ କେଉଁ ଦିଗରେ ଏକତ୍ରିତ କାର୍ଯ୍ୟ କରିହେବ, ସେ ସମ୍ବନ୍ଧରେ ଜାଣିବା ଉଚିତ୍। ତେଣୁ ଆପଣ ଅଧିବେଶନର ଫଳାଫଳ ଏବଂ ଆପଣଙ୍କର ପ୍ରଶିକ୍ଷାର୍ଥୀ କ'ଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ସେଥିରେ ସହମତି ପ୍ରକାଶ କରିବା ଉଚିତ୍।

## ଶିକ୍ଷଣକାର୍ଯ୍ୟ-୩ ପଥପ୍ରଦର୍ଶନ ଆଲୋଚନା କିପରି ବ୍ୟକ୍ତିଗତ ପ୍ରଶିକ୍ଷଣ ଠାରୁ ଭିନ୍ନ ?

ଆପଣ ଉପରୋକ୍ତ ଏକକରେ ଯାହା ପଢ଼ିଲେ, ତାହାକୁ ଆଧାର କରି ଚିନ୍ତା କରନ୍ତୁ ଯେ ବ୍ୟକ୍ତିଗତ ପ୍ରଶିକ୍ଷଣ ଓ ପଥପ୍ରଦର୍ଶନ ମଧ୍ୟରେ କି ପାର୍ଥକ୍ୟ ରହିଛି। ଆପଣ ଦେଖିଥିବା ବାକ୍ୟ ଆଧାରରେ ଯଦି ଉପଦେଷ୍ଟା କିଛି କୁହନ୍ତି ତେବେ ତାହାକୁ ଲିପିବଦ୍ଧ କରନ୍ତୁ।

ମୁଁ ସଂପୂର୍ଣ୍ଣ ଅସହାୟ ମନେ କରୁଛି ।

ବାସ୍ତବରେ କମ ଦକ୍ଷତା ସଂମ୍ପନ୍ନ ପିଲାମାନଙ୍କର ଯତ୍ନ କେହି ନିଅନ୍ତି ନାହିଁ ।

ଶ୍ରେଣୀରେ ଜଟିଳ ବିଷୟରେ ସେମାନେ କଷ୍ଟ ଅନୁଭବ କରିଥା'ନ୍ତି

ଯେତେବେଳେ ଆପଣ ଆପଣଙ୍କର ପ୍ରଶିକ୍ଷାର୍ଥୀକୁ ପରବର୍ତ୍ତୀ ସ୍ତରରେ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରିବାକୁ ଯାଉଛନ୍ତି, ଆପଣଙ୍କର ଲକ୍ଷ୍ୟ ସବୁବେଳେ ସଫଳ ଫଳାଫଳ ଉପରେ ରହିବା ଆବଶ୍ୟକ। ଆପଣ ଗୋଟେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ ଏବଂ ଆପଣଙ୍କର ଅଭିଜ୍ଞତାକୁ ଆଣିବା ପାଇଁ ଚେଷ୍ଟା କରିବେ ଏବଂ ଆପଣ ସେମାନଙ୍କର ଚିନ୍ତାଧାରା ଏବଂ ଭାବନାକୁ ଜାଣି ସାରିବା ପରେ ଆପଣ କଥୋପକଥନରେ ଆପଣଙ୍କର କାର୍ଯ୍ୟ କରିବେ। ଏକ ସହଜ ଭୂମିକାର ପୁନରାବୃତ୍ତି ଆପଣଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ଧାରଣାଟି ସେମାନଙ୍କ ପରିବର୍ତ୍ତେ ଆପଣଙ୍କର ହୋଇଥାଏ, ତେବେ ସେମାନେ ଏହାକୁ ହାସଲ କରିପାରିବେ ନାହିଁ ଏବଂ ଯଦି ସେମାନେ ଏହାକୁ ହାସଲ କରିପାରିବେ ନାହିଁ, ତେବେ ଏହାକୁ ସଫଳତାର ସହ ସମାପ୍ତି ହେବାକୁ ଦେବେ ନାହିଁ। ଉପଦେଷ୍ଟା ଭାବେ ଆପଣ ଏହାର ସମାଧାନ ବାହାର କରିପାରିବେ ନାହିଁ, ମାତ୍ର ଆବିଷ୍କାର ପାଇଁ ଚେଷ୍ଟିତ ହୋଇପାରିବେ, ସେମାନଙ୍କର କାର୍ଯ୍ୟ ଧାରାକୁ ସ୍ଥିର କରିବା ପାଇଁ ସୁଯୋଗ ପ୍ରଦାନ କରିପାରିବେ।

**ଆଲୋଚନା**

ଆପଣ ଏହିଭଳି ଭାବେ ପଥ ପ୍ରଦର୍ଶନର କାର୍ଯ୍ୟ ସହିତ ଚାଲୁଥିବେ:

ବର୍ତ୍ତମାନ ଆପଣ ଚିନ୍ତା କରନ୍ତୁ ଆପଣ କେଉଁଠାରୁ ସହାୟତା ପାଇପାରିବେ । ମୁଁ ଜାଣିଛି, ମୁଁ ଯେତେବେଳେ ଏହିଭଳି ସମାନ ଅବସ୍ଥାରେ ଥଲି, ମୁଁ...

ଏହା ଭାବିବା ବହୁତ ସହଜ ଯେ ଏହା ଘଟୁଛି କାରଣ କେହି ଯତ୍ନ ନେଉନାହାନ୍ତି, ମାତ୍ର ସେଥିରେ ଅନ୍ୟ କିଛି କାରଣ ଥାଇପାରେ, ଯେଭଳି ଲୋକମାନେ ଅଧିକ ପ୍ରତିଶ୍ରୁତିବଦ୍ଧ ହୋଇଥା'ନ୍ତି କିମ୍ବା ଦୁଃଖରେ ଥା'ନ୍ତି। ଆପଣ କେବେ ସେ ବିଷୟରେ ଚିନ୍ତା କରିଛନ୍ତି କି ? ସେଥିରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଅପେକ୍ଷା ବର୍ତ୍ତମାନ ଲକ୍ଷ୍ୟ କରିବାର ଅଛି ଯେ ଆପଣ କିଭଳି ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ପ୍ରଭାବ ପକାଉଛନ୍ତି।

ବର୍ତ୍ତମାନ ଦେଖିବା ସେମାନେ କେଉଁ ଧାରଣାରେ କ'ଣ କଷ୍ଟ ଅନୁଭବ କରୁଛନ୍ତି ଏବଂ ଏହା କ'ଣ ସମସ୍ତ ଶିକ୍ଷାର୍ଥୀଙ୍କ କ୍ଷେତ୍ରରେ ଘଟୁଛି। ଆମେ କେତେକ ଧାରଣାରେ ଗତି କରୁଛୁ ଯେ ଆପଣ କିଭଳି ସେହି ବ୍ୟବହାରକୁ ସମାଧାନ କରୁଛନ୍ତି।

## ୩ ବ୍ୟକ୍ତିଗତ ପ୍ରଶିକ୍ଷଣର ଦକ୍ଷତା ସମସ୍ତଙ୍କ ପାଇଁ ହିତକାର

ବ୍ୟକ୍ତିଗତ ପ୍ରଶିକ୍ଷଣ ଦକ୍ଷତା ବିଦ୍ୟାଳୟ ମୁଖ୍ୟଙ୍କ ଭୂମିକା ଠାରୁ ସମ୍ପୂର୍ଣ୍ଣ ଅଲଗା ନୁହେଁ। ଜଣେ ଭଲ ପ୍ରଶିକ୍ଷକ ବିଦ୍ୟାଳୟ ସମୁଦାୟକୁ ସାହାଯ୍ୟ କରିବା ପାଇଁ ନିଜର ଦକ୍ଷତାକୁ ଭିନ୍ନ ପରିସ୍ଥିତି ଏବଂ ଅନ୍ୟ ପୃଷ୍ଠଭୂମିରେ ପ୍ରୟୋଗ କରିପାରିବେ। ଶିକ୍ଷକ ଯିଏ ପ୍ରଶିକ୍ଷଣ ଦିଅନ୍ତି ସେ ଶିକ୍ଷାର୍ଥୀଙ୍କ ଉପରେ ନିଜର ଆସ୍ଥା ଓ ନିଜର ବିଶ୍ୱାସ ରଖିପାରିବେ। ପରିସ୍ଥିତି ଅଧ୍ୟୟନ-୧ ହେଉଛି ମତିଭ୍ରଷ୍ଟ ହେଉଥିବା ସହକର୍ମୀଙ୍କୁ କିଭଳି ଶିକ୍ଷାଦାନ ପ୍ରଦାନ କରିହେବ, ସେଥିପାଇଁ ଏକ ଉଦାହରଣ ପ୍ରଦାନ କରାଯାଇଛି। ଯଦି ଆପଣ ଶ୍ରେଣୀରେ ଶିକ୍ଷାଦାନ ପ୍ରକ୍ରିୟାକୁ ପରମ୍ପରାରେ ପରିଣତ କରିବେ, ତେବେ ଆପଣ ସମସ୍ତେ ଏହିଭଳି ପରିବେଶରୁ ଉପକୃତ ହେବେ।

### ପରିସ୍ଥିତି ଅଧ୍ୟୟନ-୧ ବିଦ୍ୟାଳୟ କାର୍ଯ୍ୟାବଳୀର ରେକର୍ଡ଼ ମିଷ୍ଟର କାପୁର ରଖିଛନ୍ତି

ଶ୍ରୀମାନ୍ ରାଉତ : ଜଣେ ବିଦ୍ୟାଳୟର ମୁଖ୍ୟ, ନିଜର ସହକର୍ମୀ ଶ୍ରୀମତୀ ପାଣିଗ୍ରାହୀଙ୍କ ସହ ଘରକୁ ବସ୍‌ରେ ଫେରୁଥିଲେ, ଯାହା ସେମାନେ ନିୟମିତ କରନ୍ତି। ବେଳେବେଳେ ସେମାନେ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରନ୍ତି ଏବଂ ସମୟ ଥିଲେ ପ୍ରଶ୍ନ ଅନୁଯାୟୀ ପରସ୍ପରକୁ ସାହାଯ୍ୟ କରନ୍ତି ଏବଂ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଶ୍ନ ଏବଂ ଏହାର ସମାଧାନର ସୂତ୍ର ବାହାର କରିବାକୁ ସକ୍ଷମ ହୁଅନ୍ତି।

**ଶ୍ରୀମାନ୍ ରାଉତ :** ଆପଣ ଜାଣନ୍ତି କି, ଯେ ମୁଁ ଆପଣଙ୍କୁ ଟେସ୍ ଇଣ୍ଡିଆର ନେତୃତ୍ୱ ଅଧ୍ୟାୟଗୁଡ଼ିକ ବିଷୟରେ କହୁଥିଲି ? ମୁଁ ସେଥିରୁ ଗୋଟିଏ ଅଧ୍ୟାୟ ପଢ଼ିଛି। ଏହା ବହୁତ ଆନନ୍ଦଦାୟକ ଏବଂ ଏହାର ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ। ମୁଁ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ବୁଲିବା ସହ ଶ୍ରେଣୀଗୃହ ପ୍ରଦର୍ଶନରେ ଟିକେ ଅଧିକ ସମୟ ପ୍ରଦାନ କରେ। ମୁଁ ଏହାର ମୂଲ୍ୟକୁ ବୁଝିଛି କିନ୍ତୁ ମୋର ବିଦ୍ୟାଳୟର ପରିସର ଅଧିକ ଏବଂ ଜିଲ୍ଲା ଅଧିକାରୀଙ୍କର ଅଧିକ କାର୍ଯ୍ୟଭାର ପାଇଁ ଏହା ଅସମ୍ଭବ ହୋଇପଡୁଛି। ମାତ୍ର, ମୁଁ କେମିତି ସମୟ ପାଇବି ଯେ ମୋର ବିଦ୍ୟାଳୟକୁ ବୁଲି ଦେଖିବି ଏବଂ ମୋର ସହକର୍ମୀଙ୍କୁ ସହଯୋଗ କରିବି ? ମୁଁ ଜଣେ ପ୍ରଶାସକ। ଦଶମ ଶ୍ରେଣୀରେ ମୁଁ ମୋର ନିଜ ଗଣିତ କ୍ଲାସ ନେଇସାରିଛି ।

**ଶ୍ରୀମତୀ ପାଣିଗ୍ରାହୀ :** ମୁଁ ତାହା ଜାଣିଛି ! ଆପଣ ପାଠ ପଢ଼ାରେ କେବେ ଅବହେଳା କରନ୍ତି ନାହିଁ। ଆପଣ ଶ୍ରେଣୀଗୃହକୁ ଗଲାବେଳେ ସର୍ବଦା ହସି ହସି ଯାଆନ୍ତି ଓ ପାଠ ପଢ଼ାକୁ ମନଭରି ଶିକ୍ଷାର୍ଥୀଙ୍କ ସହ ଉପଭୋଗ କରନ୍ତି। ତେଣୁ ଯଦି ଆପଣ

ଅନ୍ୟ ଶିକ୍ଷକଙ୍କ ଶ୍ରେଣୀ ପରିଦର୍ଶନରେ ସମୟ ବିତାନ୍ତି, ତେବେ ଆପଣଙ୍କ ଶ୍ରେଣୀ ପିଲାମାନଙ୍କ ଉପରେ ଏଥି ପାଇଁ କି ପ୍ରକାର ପ୍ରଭାବ ପଡ଼ିବ ସେ କଥା ଚିନ୍ତା କରନ୍ତୁ।

ମିଷ୍ଟର ରାଉତ : ହଁ, କିନ୍ତୁ...

**ଶ୍ରୀମତୀ ପାଣିଗ୍ରାହୀ:** ଆପଣଙ୍କର ବୋଧେ ମନେ ନାହିଁ, ଆପଣ ମୋତେ ଆପଣଙ୍କ ଅଧକ୍ଷଙ୍କ ବିଷୟରେ ଓ ପୁଅମାନଙ୍କ ସହିତ ତାଙ୍କର ସଂମ୍ପର୍କ ବିଷୟରେ କହୁଥିଲେ ଏବଂ ସେ କିପରି ସବୁବେଳେ ଆପଣଙ୍କର ଶ୍ରେଣୀକକ୍ଷକୁ ଛାଡ଼ିଦେଉଥିଲେ ?

**ଶ୍ରୀମାନ୍ ରାଉତ :** ସମୟ ବଦଳି ଯାଇଛି। ମୁଁ କରୁଥିବା କାଗଜ ପତ୍ର କାମର ଅଧା ସେ କରନ୍ତି ନାହିଁ। ମୁଁ ଅନ୍ୟ ଶିକ୍ଷକଙ୍କ ଶ୍ରେଣୀ କକ୍ଷରେ ଅଧିକ ସମୟ ଦେବା ପାଇଁ ଚିନ୍ତା କରୁଛି। ମୁଁ ଜାଣେ ମୁଁ ତୁମକୁ ଆଗରୁ ଏହି ବିଷୟରେ କହିନଥିଲି। କିନ୍ତୁ ଆପଣ ଯେତେବେଳେ ଗତ ସପ୍ତାହରେ ବ୍ଲକ ପ୍ରଶିକ୍ଷଣରେ ଥିଲେ, ମୁଁ ଶ୍ରୀଯୁକ୍ତ ବାନାର୍ଜୀଙ୍କୁ ଖୋଜିବାକୁ ଯାଇଥିଲି ମୁଁ ତାଙ୍କୁ ଶ୍ରେଣୀକକ୍ଷରେ ପାଇନଥିଲି, ଯଦିଓ ପିଲାମାନେ ସେଠାରେ ଥିଲେ। ସେହି ସମୟରେ ସେ କର୍ମଚାରୀଙ୍କ କକ୍ଷରେ ବସି ଖବର କାଗଜ ପଢୁଥିଲେ ଏବଂ ମୁଁ ତାଙ୍କୁ ସେଠାରୁ ଶ୍ରେଣୀ କକ୍ଷକୁ ପଠାଇଥିଲି। ଏଥିରୁ ମୁଁ ଜାଣିଲି ଯେ ଆମେ ଆମର ଶିକ୍ଷାର୍ଥୀମାନଙ୍କୁ କେତେ ଭଲ ପାଉଛୁ। ତେଣୁ ତା ପରବର୍ତ୍ତୀ ମୁହୂର୍ତ୍ତରେ ମୁଁ ଶ୍ରେଣୀକକ୍ଷର ଭିତରେ ଓ ବାହାରେ ବୁଲିଲି। ଯେହେତୁ ଶ୍ରୀମତୀ ଦାସଙ୍କୁ ମୋତେ ଦେଖିବା ପାଇଁ ଆଗ୍ରହୀ ଥିଲେ ଏବଂ ମୋତେ ସେ ତାଙ୍କର ଶ୍ରେଣୀ କକ୍ଷକୁ ସ୍ୱାଗତ କଲେ, ବହୁତ ଜଣ ଆଶ୍ଚର୍ଯ୍ୟ ହେଲେ ଯେ ମୁଁ କାହିଁକି ମୋର କାର୍ଯ୍ୟାଳୟରେ ଉପସ୍ଥିତ ନାହିଁ! ମୁଁ ଜାଣିଥିଲି ମୁଁ ଯଦି ଏହା ନିୟମିତ ଭାବେ କରିବି ଏହା ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ପାଇଁ ଶୁଭ ହେବ। କିନ୍ତୁ, ମୁଁ ଏହାକୁ କିପରି ତୁଲାଉଛି ? ପ୍ରଶାସନିକ କାର୍ଯ୍ୟ, ଶିକ୍ଷକଙ୍କୁ ସହାୟତା, ଶିକ୍ଷାର୍ଥୀଙ୍କ ସାଙ୍ଗରେ କଥାବାର୍ତ୍ତା ଓ ଶ୍ରେଣୀକକ୍ଷ ପରିଦର୍ଶନ, ଏହି ସବୁ କାର୍ଯ୍ୟ କିପରି ଭଲରେ କରିପାରିବି ?

**ଶ୍ରୀମତୀ ପାଣିଗ୍ରାହୀ** : ଆମେ କାହିଁକି ଏହି ବିଷୟରେ ସୋମବାର ଦିନ କଥା ହୋଇନଥିଲେ ? ଚାଲ, ସପ୍ତାହର ଶେଷ ଦିନଟିକୁ ପରିବାର ଲୋକଙ୍କ ସହିତ ଉପଭୋଗ କରିବା। ଆପଣ ଜାଣିଛନ୍ତି ମୁଁ ଆପଣଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବାକୁ ରହୁଁଛି।

## ଶିକ୍ଷଣକାର୍ଯ୍ୟ-୪ ପ୍ରଥମ ଉପଦେଷ୍ଟା କିମ୍ବା ପ୍ରଶିକ୍ଷକ କଥୋପକଥନ ପାଇଁ ପ୍ରସ୍ତୁତି ଆରମ୍ଭ

ଶିକ୍ଷଣକାର୍ଯ୍ୟ-୨ ରେ ଦିଆଯାଇଥିବା ଦୁଇଜଣ ଶିକ୍ଷକଙ୍କ ବିଷୟରେ ଆପଣଙ୍କର ପ୍ରାରମ୍ଭିକ ଧାରଣାକୁ ଲକ୍ଷ୍ୟ କରନ୍ତୁ, ବର୍ତ୍ତମାନ ଆପଣ ସେମାନଙ୍କୁ ଭେଟି କିଛି ପ୍ରଶିକ୍ଷଣ ଦେବାକୁ ଯାଉଛନ୍ତି।

୧. ଶିକ୍ଷକଙ୍କ ସହ କଥାବାର୍ତ୍ତା ଏବଂ ସେମାନଙ୍କୁ ସାହାଯ୍ୟ ଦେବା ପାଇଁ ଏକ ସୁଯୋଗ ସୃଷ୍ଟି କରନ୍ତୁ। ଚିନ୍ତା କରନ୍ତୁ ଆପଣ ଦେବାକୁ ଯାଉଥିବା ସୁଯୋଗକୁ ଆପଣ ଏଭଳି ବର୍ଣ୍ଣନା କରିବେ ଯେପରିକି ସେମାନେ ଆଦୌ ବ୍ୟସ୍ତ ହେବେ ନାହିଁ- ମନେରଖନ୍ତୁ ପ୍ରଶିକ୍ଷଣ ଦେବା କିମ୍ବା ଉପଦେଷ୍ଟିତ କରିବା ସେମାନଙ୍କ ପାଇଁ ନୂଆ ହୋଇପାରେ। ଆପଣ ଆପଣଙ୍କ ଶିକ୍ଷଣ ପୁସ୍ତିକାରେ ଲେଖିକରି ରଖିଥିବା ସାରାଂଶକୁ ଲକ୍ଷ୍ୟ କରନ୍ତୁ। ଭେଟିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ସ୍ଥାନ ସ୍ଥିର କରନ୍ତୁ।

୨. ବର୍ତ୍ତମାନ ଏକ ଦୀର୍ଘ ଶ୍ୱାସ ନିଅନ୍ତୁ- ଏବେ ଜଣେ ପ୍ରଶିକ୍ଷକ ବା ପଥପ୍ରଦର୍ଶକର କାର୍ଯ୍ୟ କରିବାର ସମୟ। ଆରମ୍ଭ କରିବା ପୂର୍ବରୁ ଏହି ଏକକରେ ଥିବା ଏହା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଏବଂ ସୂଚନାରେ ନିଜ ମନନକୁ ସତେଜ ରଖିବା ପାଇଁ ଚେଷ୍ଟା କରନ୍ତୁ। ଏହି ଅଧିବେଶନରେ ନିଜ ପାଇଁ ଆପଣ ପ୍ରାୟ ଅଳ୍ପ କେତେକ ସଂକ୍ଷିପ୍ତ ନୋଟ୍ କରିପାରନ୍ତି ଏବଂ ଆପଣ ନିଶ୍ଚିତ ଭାବେ କିଛି ପ୍ରଶ୍ନ ପଚାରିପାରନ୍ତି।

୩. ଏହି ଅଧିବେଶନ ସରିବା ପରେ ଯଥା ସମ୍ଭବ ଆପଣ ଆପଣଙ୍କର ପ୍ରତିଫଳନକୁ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ। ଏଠାରେ ଦୁଇଟି ମୁଖ୍ୟ ପ୍ରଶ୍ନ ଅଛି:
- କେଉଁ ଉପାୟରେ ପ୍ରଶିକ୍ଷାର୍ଥୀ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଆପଣଙ୍କର ସାହାଯ୍ୟ ଲୋଡୁଛନ୍ତି ବା ଏହାକୁ ସରଳୀକରଣ କରାଉଛନ୍ତ ?
- ପରବର୍ତ୍ତୀ ସମୟରେ କେଉଁ ପ୍ରକାର ପରିବର୍ତ୍ତନ ଚାହୁଁଛନ୍ତି ?

୪. ଚିନ୍ତା କରନ୍ତୁ ଏହି ଅଧିବେଶନର ଆବଶ୍ୟକତା ପାଇଁ ଆପଣ କିଭଳି ଆପଣଙ୍କର ପ୍ରଶିକ୍ଷାର୍ଥୀଙ୍କ ସମ୍ବନ୍ଧରେ ଅନୁଭବକୁ ସଂଗ୍ରହ କରୁଛନ୍ତି। ସେମାନଙ୍କର ମନ୍ତବ୍ୟ ଆପଣଙ୍କୁ ଆଗକୁ ଯିବାରେ ସାହାଯ୍ୟ କରିବ।

### ଆଲୋଚନା

ଏହା ସମ୍ଭବତଃ ଭାବିବା ସହଜ ଯେ ଆପଣ କରିଥିବା ସବୁ କାର୍ଯ୍ୟଗୁଡ଼ିକ ଭୁଲ୍ କିମ୍ୱା ଏହାକୁ ଆହୁରି ଭଲ କରାଯାଇପାରିଥା'ନ୍ତା। କିନ୍ତୁ ଆପଣ କିଛି ସମୟ ଦେଇ ଯେଉଁ କାମଗୁଡ଼ିକ ଠିକ୍‌ଭାବେ କରିଥିଲେ ସେ ବିଷୟରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତୁ।

ଉପଦେଷ୍ଟା କିମ୍ୱା ପ୍ରଶିକ୍ଷକ ଭାବେ କ'ଣ ଚିନ୍ତା କରୁଛନ୍ତି ? ଅନେକ ସମୟରେ ଆପଣ ଏହା ପଚାରିବାକୁ ପସନ୍ଦ କରିପାରନ୍ତି ଯେ କେଉଁଟି ଆପଣଙ୍କୁ ଭଲ ଲାଗୁଛି ଏବଂ କେଉଁଟି ଭଲ ଲାଗୁନାହିଁ- ଏହି ଉପାୟରେ ଆପଣ ଆପଣଙ୍କର କାର୍ଯ୍ୟ ଶୈଳୀକୁ ନିୟନ୍ତ୍ରଣ କରିବେ ଏବଂ ନିଜର ପ୍ରଶଂସା ଅପେକ୍ଷା ସେମାନଙ୍କର ମନ୍ତବ୍ୟ ଅନୁଯାୟୀ ପଦକ୍ଷେପ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଯଦି ପ୍ରଥମଥର ପାଇଁ ଆପଣ ଏହି ପ୍ରଶିକ୍ଷକ କିମ୍ୱା ଉପଦେଷ୍ଟା କାର୍ଯ୍ୟ କରୁଛନ୍ତି, ତେବେ ପରିବେଶ ଆପଣଙ୍କୁ ଅଡୁଆ ଏବଂ ଭାରାକ୍ରାନ୍ତ କରିପାରେ। ତଥାପି ଆପଣ ଏହି କାର୍ଯ୍ୟରୁ ନିଜକୁ ବିରତି କରନ୍ତୁ ନାହିଁ। ପ୍ରଥମ କେତେକ ଅଧିବେଶନ ଗୁଡ଼ିକରେ ଏହି କାର୍ଯ୍ୟ କରିବା ସମୟରେ ଆପଣଙ୍କୁ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ମୁଖତଃ, ଏହା ସେହି ଲୋକ ସହିତ କାର୍ଯ୍ୟ କରିବାରେ ଅସୁବିଧା ହେବ, ଯଦି ସେ ଜଣେ ଶିକ୍ଷାଦାନ କାର୍ଯ୍ୟ କରୁଥିବା ବ୍ୟକ୍ତି ହୋଇନଥିବେ।

ଆପଣଙ୍କ ପ୍ରଶିକ୍ଷାର୍ଥୀ ପରବର୍ତ୍ତୀ କିଛି ଦିନ ପର୍ଯ୍ୟନ୍ତ ଆପଣଙ୍କଠୁ ଦୂରରେ ନ ରହନ୍ତି ତାହାହେଲେ ଆପଣ ନିଶ୍ଚିତ ହେବେ ଯେ, ଆପଣଙ୍କର କଥାବାର୍ତ୍ତାରେ ସେମାନଙ୍କର କିଛି କ୍ଷତି ହୋଇନାହିଁ, ଆପଣଙ୍କ ପରବର୍ତ୍ତୀ ବୈଠକରେ ଆପଣଙ୍କୁ ଦେଖି ସେମାନେ ହସିବେ ବା ତାଙ୍କର ଉନ୍ନତି କଥା ଆପଣଙ୍କୁ କହିବେ, ସେପରି ସ୍ଥଳେ ଆପଣ ଖୁସି ହେବେ।

## ବିଦ୍ୟାଳୟରେ ପ୍ରଶିକ୍ଷଣ ସଂସ୍କୃତି ସ୍ଥାପନ କରିବାର ଉପକାରିତା

ବିଦ୍ୟାଳୟ ମୁଖ୍ୟ ଭାବେ ଆପଣ ପ୍ରଶିକ୍ଷଣ ଏବଂ ଉପଦେଷ୍ଟିତ ପ୍ରକ୍ରିୟାକୁ ଆପଣଙ୍କ ଉପାୟରେ ଗ୍ରହଣ କରିପାରନ୍ତି। ଆପଣ ଶିକ୍ଷକମାନଙ୍କୁ ସେମାନଙ୍କର ଶିକ୍ଷାଦାନର ଅଭ୍ୟାସ ଓ ପ୍ରୟୋଗ ବିଷୟରେ ଅଧିକ ସ୍ୱଷ୍ଟଭାବେ କହିବା ପାଇଁ ଉତ୍ସାହିତ କରିପାରିବେ। ସେଥିପାଇଁ ବିଦ୍ୟାଳୟରେ ସ୍ଥାନ ଓ କଥାବାର୍ତ୍ତାର ବ୍ୟାପକ ପରିସର ସୃଷ୍ଟି କରିବେ। ଏହିଭଳି କଥାବାର୍ତ୍ତା ଶିକ୍ଷାର୍ଥୀଙ୍କ ଉପରେ ଏକ ଯୁକ୍ତାତ୍ମକ ଭାବନା ସୃଷ୍ଟି କରେ ଯେହେତୁ ଶିକ୍ଷକ ନିଜ ଶିକ୍ଷାଦାନ କାର୍ଯ୍ୟ ଉପରେ ଅଧିକ ସଚେତନ ହୋଇପାରିବେ ଏବଂ ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ କୌଶଳର ବ୍ୟବହାରରେ ଅଧିକରୁ ଅଧିକ ଦୃଢ଼ ନିଶ୍ଚିତ ହେବେ। ଲୋଫୌ ସେ ଓ ସହକର୍ମୀ, ୨୦୧୦ କୁ ଅନୁଧ୍ୟାନ କଲେ ଆପଣ ଜାଣିପାରିବେ କିଭଳି ପ୍ରଶିକ୍ଷଣ ଯୋଜନା, ପରିଦର୍ଶନ ଏବଂ ଶିକ୍ଷକ ଭାବେ ଶିକ୍ଷାର ମାନ ବୃଦ୍ଧି କରିବାରେ ପ୍ରଭାବ ପକାଉଛି:

- ଏକତ୍ରିତ ଭାବେ ଜ୍ଞାନ ଏବଂ କୌଶଳର ବୃଦ୍ଧି ଏବଂ ଅଭିଜ୍ଞତା
- ଶିକ୍ଷଣ ଏବଂ ତଥ୍ୟର ପ୍ରୟୋଗ ପାଇଁ ଏକାଧିକ ସୁଯୋଗର ଶିକ୍ଷାଲାଭ
- ପ୍ରମାଣ ସହ ବିଶ୍ୱାସକୁ ଖୋଜ ଯାହାକି ସେମାନଙ୍କର ଧାରଣାର ନିୟମିତ ପ୍ରକ୍ରିୟା ନୁହେଁ।
- ଅନ୍ୟମାନଙ୍କ ସହ ନୂତନ କୌଶଳ ଶିଖିବାର ସୁଯୋଗ ଥିବ।

ଆପଣ ଚାହୁଁଥିବେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ପାଇଁ ଏକ ତାଲିମ କେନ୍ଦ୍ର ପ୍ରସ୍ତୁତ କରିବା ପାଇଁ ଏବଂ କୌଣସି ଦିନ କିମ୍ବା ସପ୍ତାହରେ, କାର୍ଯ୍ୟ ପାଇଁ ଆପଣ ସେଠାରେ କିଛି ସମୟ ସମର୍ପଣ କରିବେ। ଏହି ପ୍ରଶିକ୍ଷଣ ବ୍ୟବସ୍ଥା, ଶିକ୍ଷଣ ଓ ଶିକ୍ଷାଦାନ ବ୍ୟବସ୍ଥାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପର୍ଯ୍ୟବେଶିତ:

- ବିଦ୍ୟାଳୟ ବିକାଶ ଦିଗରେ କାର୍ଯ୍ୟ କରିବାର ପ୍ରାଧାନ୍ୟ
- କେତେକ ନିର୍ଦ୍ଦିଷ୍ଟ ଧରଣର ପିଲାମାନଙ୍କ ପାଇଁ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାରେ ସୁଯୋଗ ପ୍ରଦାନ
- ଏକ ନିର୍ଦ୍ଦିଷ୍ଟ ଧରଣର ଶିକ୍ଷାଦାନ କୌଶଳ ବୃଦ୍ଧି ପାଇଁ ସୁବିଧା ସୁଯୋଗ ପ୍ରଦାନ
- ସହକର୍ମୀଙ୍କ ସହ ଶ୍ରେଣୀଗୃହ ଅଭ୍ୟାସ କାର୍ଯ୍ୟ ପାଇଁ ଆଲୋଚନା

### ଆପଣ ନିଜର ଉପଦେଷ୍ଟନ କିମ୍ବା ପ୍ରଶିକ୍ଷଣର ଆବଶ୍ୟକତା

ଉପଦେଷ୍ଟା କିମ୍ବା ପ୍ରଶିକ୍ଷକଙ୍କର ସୁବିଧା ସୁଯୋଗ ଉପରେ ଆପଣ ଲକ୍ଷ୍ୟ କରିଥିବେ ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଆପଣଙ୍କ ପ୍ରଦର୍ଶନକୁ ଅନ୍ୟ ମୁଖ୍ୟମାନଙ୍କ ଆଗରେ ପ୍ରଦର୍ଶନ, ନିଜର ସାମର୍ଥ୍ୟ ଏବଂ ଆପଣଙ୍କ ବିକାଶର ଆବଶ୍ୟକତାକୁ ପରିପ୍ରକାଶ କରିବା ଆବଶ୍ୟକ। ଆପଣଙ୍କର ନିଶ୍ଚିତ ଭାବେ ଏମିତି ଜଣେ ସହକର୍ମୀ ଥିବେ, ଯାହାଙ୍କ ଠାରେ ଆପଣ ନିଜର ଭାବନା ଓ ସମସ୍ୟାକୁ ପ୍ରକାଶ କରିଥିବେ ଏବଂ ଆଲୋଚନା ମଧ୍ୟ କରିଥିବେ ଏବଂ ଯାହାଙ୍କ ସହ ମିଶି ସମାଧାନର ରାସ୍ତା ମଧ୍ୟ ବାହାର କରିଥିବେ। ଏହିଭଳି ଆୟୋଜନ, ସମତୁଲ୍ୟ ମୂଲ୍ୟର ପ୍ରଥା ପାଳନ କିମ୍ବା ଯେଉଁମାନେ ଆପଣଙ୍କ ସମର୍ଥନ କରୁଛନ୍ତି-ଉଦାହରଣସ୍ୱରୁପ, ଅନ୍ୟ ବିଦ୍ୟାଳୟର ମୁଖିଆ କିମ୍ବା ଡ଼ି.ଆଇ.ଇ.ଟି. / ଏସ.ସି.ଇ.ଆର.ଟି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ।

## ୪ ସାରାଂଶ

ଏହି ଏକକରେ ବିଦ୍ୟାଳୟର ଗୋଷ୍ଠୀକୁ ସହାୟତା ଓ ସମାଧାନର ବାଟ ବାହାର କରିବା ପାଇଁ ଏକ ଉଦ୍ଦେଶ୍ୟମୂଳକ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦିଆଯାଇଛି। ଔପଚାରିକ ଏବଂ ଅନୌପଚାରିକ ଭାବେ ଆପଣଙ୍କର ସହକର୍ମୀଙ୍କ ସହ କଥାବାର୍ତ୍ତା କରିବା ପାଇଁ ଅନେକ ସୁଯୋଗ ରହିଛି। ଏହି ଅଧ୍ୟାୟରେ କେତେକ କାରକ ସମ୍ବନ୍ଧରେ ଉପସ୍ଥାପନ କରାଯାଇଛି ଯାହାକି ଏହି କଥାବାର୍ତ୍ତାକୁ ଅଧିକ ସହଜ କରିଦେବ ଏବଂ ଏହା ବିଦ୍ୟାଳୟଗୋଷ୍ଠୀ ସମୂହ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେଉଁମାନେ ଏହା ସମ୍ବନ୍ଧରେ ସଂମ୍ପୂର୍ଣ ଭାବେ ଅନଭିଜ୍ଞ।

ବିଦ୍ୟାଳୟର ମୁଖ୍ୟ ଭାବେ ଏବଂ ଆପଣଙ୍କ ଶିକ୍ଷକଙ୍କର ସାମର୍ଥ୍ୟକୁ ପ୍ରଦର୍ଶନ ପାଇଁ ଉପଦେଷ୍ଟନ କିମ୍ବା ପ୍ରଶିକ୍ଷଣ ବହୁତ ସୁଯୋଗ ସୃଷ୍ଟି କରିଥାଏ ଏବଂ ଭଲ ଶିକ୍ଷକରେ ପରିଣତ ପାଇଁ ସାହାଯ୍ୟ କରେ ଏବଂ ନିଜ ବିଦ୍ୟାଳୟ ପାଇଁ ଚାହୁଁଥିବା ମୁଖିଆ ପ୍ରସ୍ତୁତିରେ ମଧ୍ୟ ସାହାଯ୍ୟ କରିଥାଏ।

ଏହି ଏକକରେ ମଧ୍ୟ କେତେକ ପ୍ରଧାନ ଗୁଣଗୁଡ଼ିକ ଉଲ୍ଲେଖ କରାଯାଇଛି, ଯେ କିଭଳି ଆପଣଙ୍କ ଭଳି ଜଣେ ଉପବେଷ୍ଟନ କିମ୍ବା ପଥପ୍ରଦର୍ଶକ ପାଇ ହେବ ଏବଂ ଆପଣ ଚିନ୍ତା କରିପାରନ୍ତି ଯେ କିଭଳି ଆପଣ ଏସବୁକୁ ସଂଗଠିତ କରିପାରିବେ।

ଏହି ଏକକଟି କେତେକ ଏକକ ପରିବାରର ଅଂଶବିଶେଷ ଯାହାକୁ ଶିକ୍ଷଣ-ଶିକ୍ଷାଦାନର ପରିବର୍ତ୍ତନ ପ୍ରକ୍ରିୟାର କେତେକ ମୁଖ୍ୟ ଦିଗ ସହ ତୁଳନା କରାଯାଇଛି। ଆପଣ ଜାଣିବାକୁ ପାଇବେ ଯେ ଆପଣଙ୍କର ଜ୍ଞାନ ଏବଂ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଏହା ପରବର୍ତ୍ତୀ ଅବସ୍ଥାରେ ଆପଣଙ୍କୁ ସାହାଯ୍ୟ କରିବ:

- ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ନେତୃତ୍ୱ ଦେବା
- ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ନେତୃତ୍ୱ ଦେବା
- ଆପଣଙ୍କ ବିଦ୍ୟାଳୟରେ ମୂଲ୍ୟାୟନ ପ୍ରକ୍ରିୟାକୁ ନେତୃତ୍ୱ ଦେବା
- କାର୍ଯ୍ୟ ସମ୍ପାଦନର ଅଭିବୃଦ୍ଧି ପାଇଁ ଆପଣଙ୍କ ତରଫରୁ ସହାୟତା ପ୍ରଦାନ

- ଶିକ୍ଷକଙ୍କ ବୃତ୍ତିଗତ ବିକାଶକୁ ନେତୃତ୍ୱ ଦେବା
- ଆପଣଙ୍କ ବିଦ୍ୟାଳୟରେ ଏକ ଫଳପ୍ରଦ ଶିକ୍ଷଣ ସଂସ୍କୃତିର ବିକାଶ କରିବା
- ଆପଣଙ୍କ ବିଦ୍ୟାଳୟରେ ଅନ୍ତର୍ନିବେଶ ଶିକ୍ଷାର ସୁଯୋଗ
- ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ସମ୍ବଳର ସୁବିନିଯୋଗ
- ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟା ବ୍ୟବହାରକୁ ନେତୃତ୍ୱ ଦେବା

## ସମ୍ବଳ

## ସମ୍ବଳ-୧ ବ୍ୟକ୍ତିଗତ ପ୍ରଶିକ୍ଷଣ ଏବଂ ପଥପ୍ରଦର୍ଶକ ବା ଉପଦେଷ୍ଟା ସମ୍ବନ୍ଧୀୟ କେତେକ ସଂଜ୍ଞା

### ବ୍ୟକ୍ତିଗତ ପ୍ରଶିକ୍ଷକ

୧. ଡ଼ାଓନୀ(୨୦୦୩)ଙ୍କ ମତରେ ଅନ୍ୟର କାର୍ଯ୍ୟଦକ୍ଷତା, ଶିକ୍ଷଣ ଓ ବିକାଶକୁ ତ୍ୱରାନ୍ୱିତ କରିବାର କଳାକୁ ଶିକ୍ଷଣ କୁହାଯାଏ।

୨. ବିଦ୍ୟାଳୟ ବ୍ୟକ୍ତିଗତ ଶିକ୍ଷଣ ଅନୁଯାୟୀ, ବ୍ୟକ୍ତିଗତ ଶିକ୍ଷଣ ମୁଖ୍ୟତଃ କର୍ଯ୍ୟଦକ୍ଷତା ସହ ସମ୍ବନ୍ଧିତ। କୌଣସି ଏକ ମୁଖ୍ୟ ଧାରଣାର ନିକଟତର ହେବା ହେଉଛି ଜଣେ ବ୍ୟକ୍ତି ବା ଦଳ ଯାହା ପାଖରେ ସମ୍ବଳ ଅଛି ଓ ସେଗୁଡ଼ିକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବାକୁ ଆଗ୍ରହୀ। ତେଣୁ ବ୍ୟକ୍ତିଗତ ପ୍ରଶିକ୍ଷକଙ୍କ ମୁଖ୍ୟ ଭୂମିକା ହେଉଛି ଏହି ସବୁ ସମ୍ବଳଗୁଡ଼ିକର ଉପଯୁକ୍ତ ତଦାରଖ କରିବା (ବିଦ୍ୟାଳୟ ପ୍ରଶିକ୍ଷକ)।

୫. ୩.ଜେରାଡ଼ ଓ ଡ଼ୋନୋଭାନଙ୍କ ମତାନୁସାରେ ବ୍ୟକ୍ତିଗତ ଶିକ୍ଷଣ ହେଉଛି, ଜଣେ ବ୍ୟକ୍ତି କିମ୍ବା କୌଣସି ଘରୋଇ ବ୍ୟକ୍ତି ବିଶେଷଙ୍କ ସହାୟତାରେ ନିଜର କର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା।

୩. ହ୍ୱାଇଟ ମୋର୍ (୨୦୦୩)ଙ୍କ ମତରେ ଜଣେ ବ୍ୟକ୍ତିଙ୍କର ପାରିବାର ଶକ୍ତିର ଉନ୍ମୋଚନ କରି ତା'ର କାର୍ଯ୍ୟଦକ୍ଷତାକୁ ସର୍ବାଧିକ କରାଇବା ହେଉଛି ବ୍ୟକ୍ତିଗତ ଶିକ୍ଷଣ। ଏହା ଆପଣଙ୍କୁ ଶିକ୍ଷା ଦେବାରେ ନୁହେଁ ଶିକ୍ଷା ଗ୍ରହଣ କରିବାରେ ସାହାଯ୍ୟ କରିଥାଏ।

୪. ବ୍ୟକ୍ତିଗତ ଶିକ୍ଷଣ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ଦକ୍ଷତା ଓ ଜ୍ଞାନର ବିକାଶରେ ସାହାଯ୍ୟ କରେ। ଏହାଦ୍ୱାରା ବ୍ୟକ୍ତିର ଚାକିରୀରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ। ଏହାଦ୍ୱାରା ଅନୁଷ୍ଠାନର ବିକାଶ ହେବା ସହିତ ଲକ୍ଷ୍ୟ ମଧ୍ୟ ପୂରଣ ହୋଇଥାଏ। ଏହା ଉଚ୍ଚ କାର୍ଯ୍ୟଦକ୍ଷତା, ତଥା କାର୍ଯ୍ୟର ଉନ୍ନତିକରଣର ଲକ୍ଷ୍ୟ ଧାର୍ଯ୍ୟ କରିଥାଏ ଏବଂ ବ୍ୟକ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥାଏ। ଏହା ସ୍ୱଳ୍ପ ସମୟ ନିମିତ୍ତ ନିର୍ଦ୍ଦିଷ୍ଟ କୌଶଳ ଓ ଲକ୍ଷ୍ୟ ପାଇଁ ଧାର୍ଯ୍ୟ କରାଯାଇଥାଏ (ସି.ଆଇ.ପି.ଡ଼ି.୨୦୦୯)।

୫. ଜେନ ବ୍ରକ୍ତି ବା ଦଳ ଦ୍ୱାରା ନିର୍ଧାରିତ ଲକ୍ଷ୍ୟକୁ ହାସଲ କରିବା ପାର୍ଇ ଜଣେ ବ୍ୟକ୍ତି ଓ ଶିକ୍ଷିତ ବ୍ୟକ୍ତିଗତ ପ୍ରଶିକ୍ଷକଙ୍କ ମଧ୍ୟରେ ବ୍ୟକ୍ତିର ଅସାଧାରଣ ଫଳାଫଳ ପ୍ରାପ୍ତି ନିମନ୍ତେ ହୋଇଥିବା ବ୍ୟବସାୟିକ ସଂମ୍ପର୍କକୁ ବ୍ୟକ୍ତିଗତ ଶିକ୍ଷଣ କୁହାଯାଏ। (ଆ.ସି.ଏଫ)

୬. ପାର୍ସୋଲୋ (୧୯୯୫)ଙ୍କ ମତାନୁସାରେ ବ୍ୟକ୍ତିଗତ ଘରୋଇ ଶିକ୍ଷାଦାନ ବା ନିର୍ଦ୍ଦେଶାବଳି ମାଧ୍ୟମରେ ବ୍ୟକ୍ତିର ତୁରନ୍ତ କାର୍ଯ୍ୟ ଦକ୍ଷତାର ଉନ୍ନତି ଓ ବିକାଶ ବ୍ୟକ୍ତିଗତ ଶିକ୍ଷଣ ସହ ସମ୍ବନ୍ଧିତ।

୭. ରୋସିନସ୍କି(୨୦୦୩) ମତାନୁଯାଇ ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରି ତାହାକୁ ଏକ ଅର୍ଥପୂର୍ଣ୍ଣ ଓ ଆଖିଦୃଶିଆ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାର ବ୍ୟବସ୍ଥାକୁ ବ୍ୟକ୍ତିଗତ ଶିକ୍ଷଣ କୁହାଯାଏ।

### ଉପଦେଷ୍ଟା / ପଥପ୍ରଦର୍ଶକ

୧. ମେରିଆମ୍- ୱେବଷ୍ଟରଙ୍କ ମତାନୁସାରେ ପଥପ୍ରଦର୍ଶକ ହେଲେ ଜଣେ ବିଶ୍ୱାସଯୋଗ୍ୟ ଅଭିଜ୍ଞ ବ୍ୟକ୍ତି ବା ମାର୍ଗଦର୍ଶକ ବା ଜଣେ ବ୍ୟକ୍ତିଗତ ପ୍ରଶିକ୍ଷକ।

୨. ପଥ ପ୍ରଦର୍ଶକ ହେଉଛି ଅଧିକ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତି ଓ କମ୍ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିଙ୍କ ମଧ୍ୟରେ ଏକ ବିକାଶଶୀଳ ସଂପର୍କ। ନିୟମିତ ଭାବର ଆଦାନପ୍ରଦାନ ଦ୍ୱାରା ପ୍ରଶିକ୍ଷକଙ୍କର ନିୟମିତ ପ୍ରଦର୍ଶନ ଯୋଗୁଁ ପ୍ରଶିକ୍ଷଣକାରୀର ଦକ୍ଷତା ତଥା ଅଭିଜ୍ଞତାର ବୃଦ୍ଧି ଘଟିଥାଏ।

୩. ଜଣେ ବ୍ୟକ୍ତିଙ୍କର ଜ୍ଞାନ, ଦକ୍ଷତା ତଥା ଭବିଷ୍ୟତ କାର୍ଯ୍ୟପନ୍ଥା ବଣ୍ଟନ ଜରିଆରେ ଅନ୍ୟ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଓ ବୃତିଗତ ବିକାଶ କରିବା ଦିଗରେ ଥିବା ବିକାଶଶୀଳ ସଂପର୍କକୁ ପଥପ୍ରଦର୍ଶନର ଶକ୍ତି ବା କ୍ଷମତା ବଳରେ ସହଯୋଗିତା, ଲକ୍ଷ୍ୟ ସାଧନ ତଥା ସମସ୍ୟା ସମାଧାନ ଭଳି ବୃହତ୍ କାର୍ଯ୍ୟର ସରଳ ସମାଧାନ ହୋଇପାରେ (ୟୁ.ଏସ.ସି.ସି. ଏମ. ଆଇ. ଏସ୍) ।

୪. ଜନ. ସି. କ୍ରୋଶବିଙ୍କ ମତରେ ପଥ ପ୍ରଦର୍ଶନ, ମସ୍ତିଷ୍କ ଭାବେ ଧାରଣ କରେ, ଜ୍ଞାନ ହିସାବରେ ଶ୍ରବଣ କରେ ଏବଂ ପ୍ରତ୍ୟେକ ଜିନିଷକୁ ସଠିକ ଦିଗରେ ପରିଚାଳନା କରେ ।

୫. ଡୋନାଲଡ୍ସନ ଓ ଅନୁଗାମୀ (୨୦୦୦)ଙ୍କ ମତରେ ପଥ ପ୍ରଦର୍ଶନ ଏପରି ଏକ ଶବ୍ଦ ଯାହାକି ସ୍ୱଳ୍ପ ଅଭିଜ୍ଞତା ସମ୍ପର୍ଣ୍ଣ ବ୍ୟକ୍ତି ଓ ଅଧିକ ଅଭିଜ୍ଞତା ସମ୍ପର୍ଣ୍ଣ ବ୍ୟକ୍ତି, ଯାହାଙ୍କୁ ପଥ ପ୍ରଦର୍ଶକ କୁହାଯାଏ। ପୂର୍ବରୁ ପଥ ପ୍ରଦର୍ଶନ କହିଲେ ଯୁବ ପରିଦର୍ଶକ ଏବଂ ଜଣେ ଅନଭିଜ୍ଞ ଶିକ୍ଷାର୍ଥୀଙ୍କ ବୃତିଗତ ଓ ବ୍ୟକ୍ତିଗତ ବିକାଶ ନିମନ୍ତେ ମୁହାଁ ମୁହିଁ ଓ ଦୀର୍ଘ ମିଆଦି ସଂପର୍କ କୁ ବୁଝାଉଥିଲା।

୬. ବେଞ୍ଜାମିନ୍ ଡିକ୍ରା ଏଲ୍ଙ୍କ ମତରେ ନିଜର ଜ୍ଞାନ ଗଭୀରତାକୁ ଅନ୍ୟ ପାଖରେ ବାଣ୍ଟିବାଟା ସବୁଠାରୁ ବଡ କଥା ନୁହେଁ, କିନ୍ତୁ ତାଙ୍କ ଭିତରେ ଥିବା ଜିନିଷକୁ ପ୍ରଦର୍ଶନ କରିବାଟା ନିହାତି ବଡ କଥା ।

୭. ଜଣେ ପଥ ପ୍ରଦର୍ଶକ/ଉପଦେଷ୍ଟା ବହୁମୁଖୀ କାର୍ଯ୍ୟ ସମ୍ପାଦନା କରିଥା'ନ୍ତି । ଜଣେ ପଥପ୍ରଦର୍ଶକ ତାଙ୍କ ଶିକ୍ଷାର୍ଥୀଙ୍କୁ ବିଶେଷ ତଥା ବ୍ୟକ୍ତିଗତ କାର୍ଯ୍ୟଧାରାରେ ନିବେଶ ଓ ବିକାଶ ପାଇଁ ଚେଷ୍ଟା କରନ୍ତି। ଅଧିକାଂଶ ପଥ ପ୍ରଦର୍ଶକଙ୍କ ନିମ୍ନଲିଖିତ ଗୁଣାବଳୀ ମଧ୍ୟ ଥାଏ।
   - ସେ ଜଣେ ଶିକ୍ଷକ ହିସାବରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ମୌଳିକ ଦକ୍ଷତା ଓ ଜ୍ଞାନକୁ ବିକଶିତ କରାନ୍ତି।
   - ଜଣେ ଆଦର୍ଶ ଭାବରେ ଅନ୍ୟମାନଙ୍କ ପାଖରେ ଉଦାହରଣ ସୃଷ୍ଟି କରିପାରୁଥିବେ ଏବଂ ଭଲ ଅଭ୍ୟାସ କରିପାରୁଥିବେ।
   - ଜଣେ ବନ୍ଧୁ ଭାବରେ ସେ ଆବଶ୍ୟକୀୟ ମନସ୍ତାତ୍ୱିକ ସହଯୋଗ ଓ ଉତ୍ସାହ ପ୍ରଦାନ କରନ୍ତି (ଆରିଜୋନା ରାଜ୍ୟ ବିଶ୍ୱବିଦ୍ୟାଳୟ)

## ସମ୍ବଳ-୨ : ପ୍ରଶିକ୍ଷଣ ମାଧ୍ୟମରେ କିଭଳି ନିରନ୍ତର ସାମଗ୍ରିକ ମୂଲ୍ୟାୟନର କାର୍ଯ୍ୟ ସମ୍ପାଦନ କରି ହେବ

## ଏକ ଉଦାହରଣ ନିରନ୍ତର ସାମଗ୍ରିକ ମୂଲ୍ୟାୟନର ପ୍ରଶିକ୍ଷଣ ପାଇଁ ଆଲୋଚିତ ହେବାକୁ ଥିବା ସମ୍ଭାବ୍ୟ କେତେକ ତଥ୍ୟ

ପ୍ରଶିକ୍ଷଣ ପ୍ରକ୍ରିୟା ଚାଲୁଥିବା ସମୟରେ ଆପଣ ଜାଣିବାକୁ ପାଇବେ ଯେ ନିମ୍ନଲିଖିତ ତଥ୍ୟଗୁଡିକ ଆଲୋଚନା ପାଇଁ ବହୁତ ଦରକାରୀ। ଏଥିରୁ ଗୋଟେ କିମ୍ବା ଦୁଇଟି ପ୍ରଶିକ୍ଷାର୍ଥୀଙ୍କ ବିକାଶ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ତାଲିକାଟି ସବିଶେଷ ନୁହେଁ।

- ଶିକ୍ଷାର୍ଥୀଙ୍କ ସକାରାତ୍ମକ ଚିନ୍ତାଧାରା ପାଇଁ ଆମେ କ'ଣ ଦେଖୁଛୁ ?
- ନିରନ୍ତର ସାମଗ୍ରିକ ମୂଲ୍ୟାୟନର କାର୍ଯ୍ୟ ସଂମ୍ପାଦନ ପାଇଁ ଯୋଜନା କ'ଣ ଅଛି ?
- ସାମର୍ଥ୍ୟ ଅନୁଯାୟୀ ନିରନ୍ତର ସାମଗ୍ରିକ ମୂଲ୍ୟାୟନ କାର୍ଯ୍ୟ କରିବା ପାଇଁ ପ୍ରାକ୍ଟିକାଲ୍ ପ୍ରତିବନ୍ଧକଗୁଡିକ କ'ଣ ?
- ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ଉନ୍ନତି ନିମନ୍ତେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ କିଭଳି କାର୍ଯ୍ୟ କରୁଛି ?
- ଏହି ବିଷୟଗତ ତଥ୍ୟକୁ ବୁଝିବାପାଇଁ ସ୍ୱତନ୍ତ୍ର ଭାବେ କ'ଣ ଆବଶ୍ୟକ ଅଛି ଏବଂ ନିରନ୍ତର ସାମଗ୍ରିକ ମୂଲ୍ୟାୟନ କିଭଳି ଏହାକୁ ସାହାଯ୍ୟ କରୁଛି ?

## କେଉଁ ପ୍ରକାର ପ୍ରମାଣ ବହୁତ ଦରକାରୀ ହୋଇପାରେ ?

ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟା ଉପରେ ଏକ ସମତୁଲ ରହିବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ତେଣୁ ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀ ଶିକ୍ଷାର୍ଥୀଙ୍କ ଦୃଷ୍ଟିକୋଣରୁ ପାଠ ବିଷୟକୁ ଠିକ୍ କରିବା ଉଚିତ୍। ଏହା ସବୁ ସମୟରେ କରିବା ସହଜ ନୁହେଁ ଏବଂ ଆମେ ସମସ୍ତେ ବହୁ ସମୟ ଧରି କେବଳ ଖେଳୁ ଏବଂ ଶିକ୍ଷାର୍ଥୀଙ୍କ ଔପଚାରିକ ମୂଲ୍ୟାୟନର ଫଳାଫଳ ସୁଯୋଗର ସୂଚନା ପାଇଁ ଅପେକ୍ଷା କରିବାକୁ ହେବ। ଏହା ସବୁ ସମୟର ପ୍ରଶିକ୍ଷଣ ପାଇଁ ସମ୍ଭବ ନୁହେଁ।

ଅନ୍ୟ ସୂତ୍ରରୁ ସୂଚନା ପାଇ ଶିକ୍ଷାର୍ଥୀଙ୍କ ସହ କଥାବାର୍ତ୍ତା କରାଯାଇପାରେ ଏବଂ ସଂମ୍ପୂର୍ଣ୍ଣ ଭାବେ ସେମାନଙ୍କର କାର୍ଯ୍ୟକୁ ନିରୀକ୍ଷଣ କରାଯାଇପାରେ, ନିମ୍ନଲିଖିତ ପ୍ରଶ୍ନ ପାଇଁ:

- ଶିକ୍ଷାର୍ଥୀମାନେ କ'ଣ ବୁଝିଲେ ଏବଂ ଏହା କିଭଳି ଶିକ୍ଷାଦାନ ପ୍ରକ୍ରିୟାର ଉଦ୍ଦେଶ୍ୟ ସହ ସମ୍ପର୍କିତ ?
- ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କ ଅଭିଜ୍ଞତା କ'ଣ ଏବଂ ଏହା ଏକତ୍ରିତ ଭାବେ ସଂଗଠିତ ହେଉଛି ନା ପରିବର୍ତ୍ତନ ଘଟୁଛି ?
- ଶ୍ରେଣୀଗୃହର କେଉଁ କଥାବାର୍ତ୍ତା ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟାକୁ ସମର୍ଥନ କରୁଛି ? ଏହି କଥାବାର୍ତ୍ତାର ଗୁଣଗୁଡିକ କିଭଳି ରହୁଛି ?
- ଦିଆଯାଉଥିବା ତଥ୍ୟକୁ ଶିକ୍ଷାର୍ଥୀମାନେ କିଭଳି ବୁଝୁଛନ୍ତି ଏବଂ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ଆଧାରରେ କିଭଳି ଭାଷାର ବ୍ୟବହାର କରୁଛନ୍ତି ?

ଗାଇଡ୍ କରିବା ପାଇଁ ଅଧିକ ତଥ୍ୟ ଏବଂ ସମୟ ଅନୁସାରେ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଉଦାହରଣସ୍ୱରୂପ ଶିକ୍ଷାଦାନ ପ୍ରକ୍ରିୟା ପାଇଁ ମୂଲ୍ୟାୟନ

- ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପାଇଁ ସାଧାରଣ ଭ୍ରାନ୍ତ ଧାରଣା।
- କେତେକ ଭଲ ପ୍ରୟୋଗାତ୍ମକ କୌଶଳ
- ଅଭ୍ୟାସର ବିକାଶ ପାଇଁ ସାଧାରଣ ସମସ୍ୟା/ ପ୍ରତିବନ୍ଧକ
- ଦରକାରୀ ସମ୍ବଳ ଏବଂ ସେଗୁଡ଼ିକର ମୂଲ୍ୟାୟନ

## References/bibliography


Arizona State University (undated) 'Mentoring' (online). Available from: https://provost.asu.edu/academic_personnel/mentoring (accessed 26 November 2013).

Barnett, B.G. and O'Mahony, G.R. (2006) 'Developing a culture of reflection: implications for school improvement', *Reflective Practice*, vol. 7, no. 4, pp. 499–523.

CIPD (2009) 'Mentoring – CIPD factsheet' (online). Available from: http://www.shef.ac.uk/polopoly_fs/1.110468!/file/cipd_mentoring_factsheet.pdf (accessed 26 November 2013).

Donaldson, S.I., Ensher, E.A. and Grant-Vallone, E.J. (2000) 'Longitudinal examination of mentoring relationships on organizational commitment and citizenship behavior', *Journal of Career Development*, vol. 26, no. 4, pp. 233–48.

Downey, M. (2003) *Effective Coaching*, 2nd edn. New York, NY: Thomas Texere.

ICF (undated) 'Coaching FAQs' (online). Available from: http://tinyurl.com/kb6ltaf (accessed 26 November 2013).

Lofthouse, R., Leat, D. and Towler, C. (2010) *Coaching tor Teaching and Learning: A Practical Guide for Schools*. Reading: CfBT Education Trust. Available from: http://cdn.cfbt.com/~/media/cfbtcorporate/files/research/2010/r-processes-outcomes-of-coaching-guidance2010.pdf (accessed 21 October 2014).

Menttium (undated) 'Mentoring defined' (online). Available from: http://www.menttium.com/mentoring-defined (accessed 26 November 2013).

Merriam-Webster, http://www.merriam-webster.com/ (accessed 26 November 2013).

National University of Educational Planning and Administration (2014) *National Programme Design and Curriculum Framework*. Delhi: NUEPA. Available from: https://xa.yimg.com/kq/groups/15368656/276075002/name/SLDP_Framework_Text_NCSL_NUEPA.pdf (accessed 14 October 2014).

Parsloe, E. (1995) *Coaching, Mentoring and Assessing*. London: Kogan Page.

Rosinski, P. (2003) *Coaching Across Cultures: New Tools for Leveraging National, Corporate and Professional Differences*. London: Nicolas Brealey Publishing.

The School of Coaching (undated) 'Our approach' (online). Available from: http://www.theschoolofcoaching.com/our-approach/ (accessed 26 November 2013).

USC CMIS (undated) 'Alumni Society Mentoring Program Handbook' (online). Previously available from: http://cmcismentorprogram.wordpress.com/ (website no longer available).

Whitmore, J. (2003) *Coaching for Performance: GROWing People, Performance and Purpose*. London: Nicholas Brealey Publishing.

# Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.